


ଶ୍ରୀ ଶ୍ରୀକ୍ଷେତ୍ର

# ସୂଚନା

SHREE SHRIKSHETRA SOOCHANA

ଶାରଦୀୟ ଦୁର୍ଗାପୂଜା
ସ୍ୱତନ୍ତ୍ର ବିଶେଷାଙ୍କ ୨୦୨୫

Durga Puja
Special Edition 2025





Postal Registration No: PURI/45/2025-27 • RNI Registration No: ODIBIL/2021/81452

www.sssoochanaenewspaper.in

VOL - 4 ❖ ISSUE - IX ❖ SEPTEMBER 2025 ❖ PURI ❖ PAGE - 8 ❖ Rs. 10.00

ଚତୁର୍ଥ ବର୍ଷ ❖ ନବମ ସଂଖ୍ୟା ❖ ସେପ୍ଟେମ୍ବର ୨୦୨୫ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦


## ସମ୍ପାଦକୀୟ

# ବିଶ୍ୱସ୍ତରରେ ଭାରତର ବଢୁଥିବା ନେତୃତ୍ୱ ଏକ ନବ ଆଲୋକର ପଥ



ଗତ କିଛି ଦଶନ୍ଧି ଧରି ଭାରତ ନିଜର ଆର୍ଥିକ ବିକାଶ, ବୈଷୟିକ ପ୍ରଗତି, ଏବଂ କୂଟନୈତିକ କୌଶଳ ବଳରେ ବିଶ୍ୱ ଦରବାରରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହେଉଛି। କେବଳ ଏକ ବିକାଶଶୀଳ ରାଷ୍ଟ୍ର ଭାବେ ନୁହେଁ, ବରଂ ଗ୍ଲୋବାଲ ସାଉଥ୍ ବା ବିକାଶଶୀଳ ରାଷ୍ଟ୍ରମାନଙ୍କର ଏକ ପ୍ରତିନିଧି ଭାବେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି।

ଅର୍ଥନୈତିକ ଅଭିବୃଦ୍ଧି ଏବଂ ବୈଷୟିକ ପ୍ରଗତି

**ଦ୍ରୁତତମ ଅର୍ଥନୀତି:** ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ଅର୍ଥନୀତି ଭାବେ ପରିଗଣିତ ହେଉଛି। ୨୦୩୦ ସୁଦ୍ଧା ଏହାର ଜିଡିପି ୭.୩ ଟ୍ରିଲିୟନ ଡଲାରରେ ପହଞ୍ଚିବା ଅନୁମାନ କରାଯାଉଛି, ଯାହା ଏହାକୁ ଆମେରିକା ଓ ଚୀନ ପରେ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବ। **ମେକ୍ ଇନ୍ ଇଣ୍ଡିଆ:** 'ମେକ୍ ଇନ୍ ଇଣ୍ଡିଆ' ଏବଂ ପ୍ରଡକ୍ସନ୍-ଲିଙ୍କ୍ଡ ଇନସେଣ୍ଟିଭ୍ (PLI) ଭଳି ଯୋଜନା ଯୋଗୁଁ ଭାରତରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ବିପୁଳ ବୃଦ୍ଧି ଘଟିଛି। ଗତ ଦଶନ୍ଧିରେ ଇଲେକ୍ଟ୍ରୋନିକ୍ସ ରପ୍ତାନି ଆଠ ଗୁଣ ବୃଦ୍ଧି ପାଇଛି। **ଡିଜିଟାଲ୍ ଇଣ୍ଡିଆ:** ଭାରତର ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକଚର (DPI), ଯେପରିକି ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (UPI) ଏବଂ ଆଧାର, ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ବ୍ୟାପକ କରିଛି। ଏହି ମଡେଲ୍ ଏବେ ବିଶ୍ୱର ୫୦ରୁ ଅଧିକ ଦେଶ ସହ ବଣ୍ଟନ କରାଯାଉଛି, ଯାହା ଭାରତକୁ ଟେକ୍ନୋଲୋଜିରେ ଏକ ନେତୃତ୍ୱ ଭାବେ ପ୍ରତିଷ୍ଠିତ କରିଛି। **ଜି୨୦ ଅଧ୍ୟକ୍ଷତା:** ୨୦୨୩ରେ ଭାରତର ଜି୨୦ ଅଧ୍ୟକ୍ଷତା ଏକ ଉଲ୍ଲେଖନୀୟ ଉପଲବ୍ଧି ଥିଲା। ଏହି ସମୟରେ ବିଶ୍ୱର ବିଭାଜନ ସତ୍ତ୍ୱେ ନୂଆଦିଲ୍ଲୀ ଘୋଷଣା ପତ୍ର ଉପରେ ସର୍ବସମ୍ମତି ପ୍ରତିଷ୍ଠା ଏବଂ ଆଫ୍ରିକୀୟ ସଂଘକୁ ଜି୨୦ର ସ୍ଥାୟୀ ସଦସ୍ୟତା ଦେବାରେ ଭାରତର ପ୍ରୟାସକୁ ବିଶ୍ୱ ପ୍ରଶଂସା କରିଥିଲା। **ଗ୍ଲୋବାଲ ସାଉଥର ସ୍ୱର:** ଭାରତ 'ଗ୍ଲୋବାଲ ସାଉଥ୍'ର ପ୍ରତିନିଧିତ୍ୱ କରି ବିକାଶଶୀଳ ରାଷ୍ଟ୍ରମାନଙ୍କର ଚିନ୍ତାଧାରାକୁ ବିଶ୍ୱସ୍ତରରେ ଉପସ୍ଥାପନ କରୁଛି। ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ। **ମାନବୀୟ ସହାୟତା:** ବିପର୍ଯ୍ୟୟ ସମୟରେ ଭାରତ 'ପ୍ରଥମ ପ୍ରତିକ୍ରିୟାକାରୀ' ଭାବେ ନିଜର ଭୂମିକା ପ୍ରତିପାଦିତ କରିଛି। ଅପରେସନ ସଦଭାବ (୨୦୨୪) ଏବଂ ଅପରେସନ ଇନ୍ଦ୍ରାବତୀ (୨୦୨୪) ଭଳି ମାନବୀୟ ସହାୟତା କାର୍ଯ୍ୟକ୍ରମ ଏହାର ପ୍ରମାଣ। **କାର୍ଯ୍ୟନୀତିକ ସହଭାଗିତା:** ଆମେରିକା, ୟୁରୋପୀୟ ସଂଘ, ଏବଂ ମଧ୍ୟପ୍ରାଚ୍ୟ ଭଳି ଅନେକ ଦେଶ ସହିତ ଭାରତ ନିଜର କାର୍ଯ୍ୟନୀତିକ ସମ୍ପର୍କକୁ ମଜବୁତ କରୁଛି। ଏହା ବ୍ରିକ୍ସ ଏବଂ କ୍ୱାଡ୍ ଭଳି ବହୁରାଷ୍ଟ୍ରୀୟ ସଂଗଠନରେ ସକ୍ରିୟ ଅଂଶଗ୍ରହଣ କରୁଛି। **ବୈଜ୍ଞାନିକ ସଫଳତା: ଚନ୍ଦ୍ରଯାନ-୩:** ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ ଅବତରଣ କରି ଭାରତ ଏହି ସଫଳତା ହାସଲ କରିବାରେ ପ୍ରଥମ ରାଷ୍ଟ୍ର ହେଲା। ଏହା ଭାରତର ବୈଷୟିକ *(ପୃଷ୍ଠା-୬)*

ରାଜେଶ କୁମାର ମହାନ୍ତି
(ରାଜେଶ କୁମାର ମହାନ୍ତି)

# ପୁଣି ଲଜ୍ଜା: ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମର ଶିକାର

**ବାଲେଶ୍ୱର:** ପୁଣି ଲଜ୍ଜା । ପଶ୍ଚିମବଙ୍ଗରେ ମେଡିକାଲ ଛାତ୍ରୀ ଦୁଷ୍କର୍ମର ଶିକାର । ପଶ୍ଚିମବଙ୍ଗର ପଶ୍ଚିମ ବର୍ଦ୍ଧମାନ ଜିଲାରେ ଅଜଣା ଲୋକ ଦ୍ୱାରା ଓଡ଼ିଶାର ଜଣେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି ବୋଲି ପୋଲିସ ପକ୍ଷରୁ ପ୍ରକାଶ। ଛାତ୍ରୀଙ୍କ ପରିବାର ସଦସ୍ୟ କହିଛନ୍ତି ଯେ ଘଟଣାଟି ଶୁକ୍ରବାର ରାତିରେ ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜ କ୍ୟାମ୍ପସ ବାହାରେ ଘଟିଥିଲା। ସେମାନେ କହିଛନ୍ତି ଯେ ଦ୍ୱିତୀୟ ବର୍ଷର ଛାତ୍ରୀ ଜଣଙ୍କ ଜଣେ ବନ୍ଧୁଙ୍କ ସହ ରାତ୍ରୀଭୋଜନ ପାଇଁ ବାହାରକୁ ଯାଇଥିଲେ। ପଶ୍ଚିମବଙ୍ଗରେ ପୂର୍ବରୁ ମଧ ଛାତ୍ରୀଙ୍କ ସହ ବଳାତ୍କାର ଘଟଣା ଘଟିଛି। ଆର.ଜି କର ମେଡିକାଲ କଲେଜର ଜଣେ ଜୁନିଅର ମହିଳା ଡାକ୍ତରଙ୍କ ବଳାତ୍କାର ଏବଂ ହତ୍ୟା ଦେଶକୁ ଥରାଇ ଦେଇଥିଲା। ଏହି ଘଟଣା ପୁଣି ଆଣିଦେଇଛି ଦୁଃଖଦ ଖବର। ଏବେ, ପଶ୍ଚିମବଙ୍ଗରେ ଆଉ ଏକ ଛାତ୍ରୀଙ୍କ ସହ ବଳାତ୍କାର ଘଟଣା ସାମ୍ନାକୁ ଆସିଛି। ଜଣେ ପୋଲିସ ଅଧିକାରୀ କହିଛନ୍ତି , ଓଡ଼ିଶାର ଜଳେଶ୍ୱରର ବାସିନ୍ଦା ଡାକ୍ତରୀ ଛାତ୍ରୀ ନିକଟସ୍ଥ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେ ଆହୁରି ମଧ କହିଛନ୍ତି, "ଛାତ୍ରୀଙ୍କ ପରିବାରର ଅଭିଯୋଗ ଆଧାରରେ ଆମେ ତଦନ୍ତ ଆରମ୍ଭ କରୁଛୁ। ଛାତ୍ରୀଙ୍କ ପିତାମାତା କହିଛନ୍ତି , ସେମାନେ ଆଜି ସକାଳେ ସେମାନଙ୍କ ଝିଅର ବନ୍ଧୁମାନଙ୍କଠାରୁ ଫୋନ ପାଇବା ପରେ ଦୁର୍ଗାପୁରରେ ପହଞ୍ଚିଥିଲେ। ଛାତ୍ରୀଙ୍କ ମାଆ ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ଜଣେ ବନ୍ଧୁଙ୍କ ସହ ରାତ୍ରୀଭୋଜନ ପାଇଁ କଲେଜ କ୍ୟାମ୍ପସରୁ ବାହାରକୁ ଯାଇଥିବା ବେଳେ ଗଣବଳାତ୍କାର ଶିକାର ହୋଇଥିଲେ। ପୀଡ଼ିତା ଛାତ୍ରୀଙ୍କ ବାପା କହିଛନ୍ତି ଆମେ ତାଙ୍କ ବନ୍ଧୁମାନଙ୍କଠାରୁ ଫୋନ *(ପୃଷ୍ଠା-୬)*




# ୧୫ଟି ପ୍ରସ୍ତାବ ଉପରେ କ୍ୟାବିନେଟର ମୋହର

## ୨ ଅଧ୍ୟାଦେଶ ଅନୁମୋଦିତ



**ଭୁବନେଶ୍ୱର :** ରାଜ୍ୟ କ୍ୟାବିନେଟ୍‌ର ୨୮ତମ ବୈଠକରେ ଶୁକ୍ରବାର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ୧୦ଟି ବିଭାଗର ୧୫ଟି ପ୍ରସ୍ତାବ ଆଗତ ପୂର୍ବକ ଆଲୋଚନା କରାଯାଇ ଅନୁମୋଦନ କରାଯାଇଛି । କ୍ୟାବିନେଟରେ ଦୁଇଟି ଅଧ୍ୟାଦେଶ ଅନୁମୋଦିତ ହୋଇଛି । ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଓଡ଼ିଶା ଜନ ବିଶ୍ୱାସ ଅଧ୍ୟାଦେଶ-୨୦୨୫ ଏବଂ କାରଖାନା (ଓଡ଼ିଶା ସଂଶୋଧନ) ଅଧ୍ୟାଦେଶ-୨୦୨୫ରେ ମୋହର ବାଜିଛି । ଏହି ଅଧ୍ୟାଦେଶ ଶାସନରେ ସଂସ୍କାର ଆଣିବା ସହ ଶ୍ରମିକ ଓ ବ୍ୟବସାୟୀଙ୍କ ପାଇଁ ନୂଆ ବ୍ୟବସ୍ଥା ପ୍ରଣୟନ କରିବ । ଓଡ଼ିଶା ଜନ ବିଶ୍ୱାସ ଅଧ୍ୟାଦେଶ-୨୦୨୫ ଅଧାରରେ ଛୋଟ ଅପରାଧ ପାଇଁ ଜେଲଦଣ୍ଡ ବଦଳରେ ଦିଆଯିବ ଆର୍ଥିକ ଦଣ୍ଡ । ସେହିପରି ଆଇନରୁ ଅନାବଶ୍ୟକ ଅନୁପାଳନ ବୋଝକୁ ଦୂର କରିବାକୁ ଐତିହାସିକ ସଂସ୍କାର କରାଯାଇଛି । ଛୋଟ ଅପରାଧକୁ ଅପରାଧମୁକ୍ତ କରିବାକୁ ପଦକ୍ଷେପ ସହ ପ୍ରକ୍ରିୟାଗତ ତ୍ରୁଟି ପାଇଁ ଦଣ୍ଡର ସୀମା କମ୍ କରିବାକୁ ବ୍ୟବସ୍ଥା ରହିଛି । ଅଣ ଗୁରୁତର ମାମଲାରେ କାରାଦଣ୍ଡକୁ ଦୂର କରିବାକୁ କାର୍ଯ୍ୟକାରୀ କରାଯିବ । ଅନ୍ୟପଟେ କାରଖାନା ଅଧାଦେଶ ଓଡ଼ିଶାରେ କାରଖାନା ଶ୍ରମିକଙ୍କ ପାଇଁ କାର୍ଯ୍ୟ ଓ ଅନ୍ୟ. ନିୟମରେ ପରିବର୍ତ୍ତନ ଆଣିଛି । ଶ୍ରମିକଙ୍କ ଲିଖିତ ସହମତିରେ ଦିନକୁ ସର୍ବାଧିକ ୧୦ ଘଣ୍ଟା କିମ୍ବା ସପ୍ତାହକୁ ୪୮ ଘଣ୍ଟା କାମ କରିବାକୁ ଅନୁମତି ଦିଆଯାଇଛି । ବଳକା ଦିନଗୁଡ଼ିକ ପାଇଁ ସଶୁଳ୍କ ଛୁଟି ବାଧ୍ୟତାମୂଳକ କରାଯାଇଛି । ନିର୍ଦ୍ଦିଷ୍ଟ ଶ୍ରେଣୀର କାରଖାନା ପାଇଁ ନମନୀୟତା ପ୍ରଦାନ କରି ୬ ଘଣ୍ଟା ପର୍ଯ୍ୟନ୍ତ କୌଣସି ବ୍ୟବଧାନ ବିନା କାମ କରିବାକୁ ଅନୁମତି ଦିଆଯାଇଛି । ନିର୍ଦ୍ଦିଷ୍ଟ ସର୍ତ୍ତ ଅନୁଯାୟୀ ସପ୍ତାହକୁ ୫୧, ୫୪ କିମ୍ବା ୫୬ ଘଣ୍ଟାରୁ ଅଧିକ ଓଭରଟାଇମ୍ କରିବାକୁ ଅନୁମତି ଦିଆଯାଇଛି ।

# ମାରିଆ କୋରିନାଙ୍କୁ ନୋବେଲ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ:** ଅନେକ ପ୍ରଚାର କରିବା ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରିନାହିଁ। ଗତ କିଛି ମାସ ହେବ ଅନେକ ଦେଶ ମଧ୍ୟରେ ଯୁଦ୍ଧର ସମାପ୍ତି କରି ଶାନ୍ତି ଆଣିଥିବା ଦାବି କରିଆସୁଥିବା କହୁଥିଲେ ଟ୍ରମ୍ପ। ଏହା ସହ ସେ ହିଁ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବୋଲି ଦାବି କରୁଥିଲେ ଟ୍ରମ୍ପ। ହେଲେ ଆଜି ତାଙ୍କର ସେ ସ୍ୱପ୍ନ ଭାଙ୍ଗିଯାଇଛି। ତ ?ାଙ୍କ ପରିବର୍ତ୍ତେ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛି। ଭେନେଜୁଏଲାରେ ଗଣତନ୍ତ୍ର ଏବଂ ମାନବାଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଦେଶରେ ଏକଛତ୍ରବାଦୀ ଶାସନର ଅନ୍ତ ଘଟାଇବା ପାଇଁ ଏକ ଶାନ୍ତିପୂର୍ଣ୍ଣ ସଂଘର୍ଷର ନେତୃତ୍ୱ ନେଇଥିବାରୁ ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ମାରିଆଙ୍କୁ ଭେନେଜୁଏଲାର 'ଆଇରନ୍ ଲେଡି' ବୋଲି କୁହାଯାଏ। ଘୋଷଣା କରିବା ସମୟରେ ନୋବେଲ କମିଟି କହିଛି ଯେ, 'ଭେନେଜୁଏଲାର ଲୋକଙ୍କ ପାଇଁ ଗଣତାନ୍ତ୍ରିକ ଅଧିକାରକୁ ପ୍ରୋତ୍ସାହିତ କରିବାରେ ମାଚାଡୋଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ତାଙ୍କୁ ଏହି ସ୍ୱୀକୃତି ଦେଉଛି।'



# ଭାରତରୁ ପାକ୍‌କୁ ଧମକାଇଲେ ତାଲିବାନ ବୈଦେଶିକ ମନ୍ତ୍ରୀ

**ନୂଆଦିଲ୍ଲୀ:** ତାଲିବାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଏବେ ଭାରତ ଗସ୍ତରେ ଥିବାବେଳେ ପାକିସ୍ତାନ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରି ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିଛି। ଭାରତରେ ଥିବା ମୁତ୍ତାକି ଏହି ଆକ୍ରମଣ ପରେ ପାକିସ୍ତାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି, ପାକିସ୍ତାନ ଆଫଗାନିସ୍ତାନ ସହ ଖେଳିବା ବନ୍ଦ କରିବା ଉଚିତ। ଆଫଗାନିସ୍ତାନକୁ ଉତ୍ତେଜିତ କଲେ ପାକ୍‌କୁ ଭୟାନକ ପରିଣାମ ଭୋଗିବାକୁ ପଡ଼ିବ ବୋଲି ମୁତ୍ତାକି ଚେତାଇ ଦେଇଛନ୍ତି। ତାଲିବାନ ଶାସିତ ଆଫଗାନିସ୍ତାନର ଶୀର୍ଷ କୂଟନୀତିଜ୍ଞ ଭାବେ ଭାରତ ଗସ୍ତରେ ଆସିଥିବା ମୁତ୍ତାକି ନୂଆଦିଲ୍ଲୀରୁ ପାକିସ୍ତାନକୁ ଏହି ଚେତାବନୀ ଜାରି କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ ଆଫଗାନିସ୍ତାନ ବିରୋଧରେ କୌଣସି ସାହସ ଦେଖାଇଲେ କିଭଳି ପରିସ୍ଥିତିର



ସମ୍ମୁଖୀନ ହେବାକୁ ପଡ଼ିବ ସେ ସଂପର୍କରେ ପାକିସ୍ତାନ ବ୍ରିଟେନ ଏବଂ ଆମେରିକା ସହ ଆଲୋଚନା କରିବା ଉଚିତ। ମୁତ୍ତାକି କହିଛନ୍ତି, ଆଫଗାନିସ୍ତାନବାସୀ ସମସ୍ତଙ୍କ ସହ ଭଲ ସମ୍ପର୍କ ଚାହୁଁଛନ୍ତି। ଆମେ ପାକିସ୍ତାନ ସହିତ ଭଲ ସମ୍ପର୍କ ଚାହୁଁଛୁ, ଯେପରି ଆମେ ଭାରତ ସହିତ ଭଲ ସମ୍ପର୍କ ରଖିବାକୁ ଚାହୁଁଛୁ। ଏହା ଉଭୟ ଦିଗକୁ ଯାଏ, କିନ୍ତୁ ଯଦି ପାକିସ୍ତାନ ଆମକୁ ଉତ୍ତେଜିତ କରେ, ତେବେ ଏଭଳି ଖେଳ ସେମାନଙ୍କୁ ବହୁତ ମହଙ୍ଗା ପଡ଼ିବ। ଆମେ ଏକ କୂଟନୈତିକ ମାର୍ଗ ଚାହୁଁଛୁ ଏବଂ ଏହା ପାକିସ୍ତାନ ବୁଝିବା ଆବଶ୍ୟକ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପାକିସ୍ତାନ କ୍ରମାଗତ ଭାବେ ଆଫଗାନିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ କରିଆସୁଛି । ଏଥି ସହିତ ତାଲିବାନ ମଧ କ୍ରମାଗତ ଭାବେ ପାକିସ୍ତାନ ବିରୋଧରେ ସମାନ ଅଭିଯୋଗ ଆଣିଥାଏ। ୨୦୨୧ରେ ଆମେରିକା ଆଫଗାନ ମାଟିରୁ *(ପୃଷ୍ଠା-୬)*

## ଶ୍ରୀମନ୍ଦିର ସୁରକ୍ଷା ନେଇ ବଡ଼ ପଦକ୍ଷେପ

# ଶ୍ରୀଜଗନ୍ନାଥ ମନ୍ଦିରକୁ ରେଡ୍ ଜୋନ୍ ଘୋଷଣା



**ପୁରୀ :** ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଐତିହାସିକ ପଦକ୍ଷେପ । ଶ୍ରୀଜଗନ୍ନାଥ ମନ୍ଦିରକୁ ରେଡ୍ ଜୋନ ଘୋଷଣା କଲା ଡିଜିସିଏ । ଏୟାରସ୍ପେଶ୍ ମ୍ୟାପରେ କିଛି ଏଭଳି ତଥ୍ୟ ରହିଥିବା ଭାରତ ସରକାରଙ୍କ ଡିଜିସିଏ ୱେବସାଇଟରେ ଉପଲବ୍ଧ ରହିଛି । ଏହାର ଅବଧି ୩ ବର୍ଷ ରହିଛି । ଅର୍ଥାତ ୨୦୨୮ ସେପ୍ଟେମ୍ବର ୨୫ ତାରିଖରେ ଏହାର ସମୟସୀମା ପୂରଣ ହେବ । ପୂର୍ନବାର ଶ୍ରୀମନ୍ଦିର ଉପରକୁ ନିଷିଧାଞ୍ଚଳ କରିବାକୁ ଆବେଦନ କରାଯିବ। ପୂର୍ବରୁ ଶ୍ରୀମନ୍ଦିର ଉପରକୁ ନୋଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଥିବା ବେଳେ ଏବେ ରେଡ୍ ଜୋନ୍ ଘୋଷଣା ହେବା ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଗତକାଲି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବା ବେଳେ ପୁରୀ ଏସପିଙ୍କ ନିର୍ଦ୍ଦେଶକ୍ରମେ ଅପରେଟ୍ କରୁଥିବା ଅପରେଟରକୁ ଧରିବାରେ ପୁରୀ ପୋଲିସ ସଫଳ ହୋଇଥିଲା। ତେଣୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ରେଡ୍ ଜୋନ୍ ଭାବେ ଘୋଷଣା ହେବାପରେ କେବଳ ଆଣ୍ଟି ଡ୍ରୋନ୍ ଡିଭାଇସ୍ ଲାଗିଲେ ଉଡୁଥିବା ଡ୍ରୋନ୍ କାବୁ ହୋଇପାରିବ ।

# ପଦ୍ମ ଧରିଲେ ଜୟ ଢୋଲକିଆ



**ଭୁବନେଶ୍ୱର:** ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିର ଉଷ୍ମତା ବୃଦ୍ଧି ପାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ଯୋଗ ଦେଇଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଭାପତି ମନମୋହନ ସାମଲ ଏବଂ ଅନ୍ୟ ଦଳୀୟ ନେତାଙ୍କ ଉପସ୍ଥିତିରେ ସେ ବିଜେପିରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ବିଜେଡିର ପଦଯାତ୍ରାରେ ଜୟ ଢୋଲକିଆଙ୍କୁ ଦେଖିବାକୁ ମିଳି ନଥିଲା। ସେବେଠାରୁ ଏକ ପ୍ରକାର ନିଶ୍ଚିତ ହୋଇଥିଲା ଯେ ଜୟ ଢୋଲକିଆ ବିଜେପି ଆଡ଼କୁ ଢଳୁଛନ୍ତି। ତାଙ୍କୁ ବିଜେପି ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ବୋଲି ମଧ ଚର୍ଚ୍ଚା ହେଉଛି। ଜୟ ଢୋଲକିଆ ବିଜେପି ପ୍ରାର୍ଥୀ ହେଲେ ନୂଆପଡ଼ାର ଅଙ୍କ ଓଲଟପାଲଟ ହୋଇଯିବ ଏବଂ ବିଜେପିର ବିଜୟ ସହଜସାଧ ହୋଇଯିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ବିଜେଡିର ପଦଯାତ୍ରାରେ ଜୟ ଢୋଲକିଆଙ୍କୁ ଦେଖିବାକୁ ମିଳିନଥିଲା। ସେବେଠାରୁ ଏକ ପ୍ରକାର ନିଶ୍ଚିତ ହୋଇଥିଲା ଯେ ଜୟ ଢୋଲକିଆ ବିଜେପି ଆଡ଼କୁ ଢଳୁଛନ୍ତି। ନୂଆଦିଲ୍ଲୀରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଦେଖା କରିଥିବା କୁହାଯାଉଛି। ତାଙ୍କୁ ବିଜେପି ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ବୋଲି ମଧ ଚର୍ଚ୍ଚା ହେଉଛି। ଜୟ ଢୋଲକିଆ ବିଜେପି ପ୍ରାର୍ଥୀ ହେଲେ ନୂଆପଡ଼ାର ଅଙ୍କ ଓଲଟପାଲଟ ହୋଇଯିବ ଏବଂ ବିଜେପିର ବିଜୟ ସହଜସାଧ (ପୃଷ୍ଠା-୬)

## ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ

# ଦୋଷୀଙ୍କୁ ଖୁବ୍ ଶୀଘ୍ର କଡ଼ା ଦଣ୍ଡ: ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର: ଆଇନୀଜୀବ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡକୁ ୩ ଦିନ ବିତିଗଲା। ଏଯାଏଁ ହତ୍ୟାକାରୀଙ୍କୁ ଖୋଜି ପାରିନି ପୁଲିସ। ତିନି ଦିନ ଧରି ବିଭିନ୍ନ ଦିଗରେ ତଦନ୍ତ ଜାରି ଥିଲେ ବି ଆତତାୟୀଙ୍କ ଟେର୍ ମିଳୁନି। ହତ୍ୟାକାଣ୍ଡ ଭିଆଇ ୨ ଦୁର୍ବୃତ୍ତ କୁଆଡ଼େ ଗଲେ କିଛି ଜଣାପଡୁନି। ତଦନ୍ତକୁ ନେଇ ପୁଲିସ ନିରବ ଥିବା ବେଳେ ଆଜି ସଂଧ୍ୟାରେ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ପୁଲିସର ଏକ ୬ଜଣିଆ ଟିମ୍ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଖୁବ୍ ଶୀଘ୍ର ଦୋଷୀଙ୍କୁ ଖୋଜି ବାହାର କରାଯିବ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ନିଶ୍ଚୟ ଆରେଷ୍ଟ କରାଯିବ ଏଥିପାଇଁ ମୁଖ୍ୟମନ୍ତ୍ରୀ କଡ଼ା

# ରାଜଧାନୀରେ ବୃହତ୍ ମତ୍ସ୍ୟ ମାର୍କେଟର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ



**ଭୁବନେଶ୍ୱର:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷି ଓ କିସାନ ସଶକ୍ତିକରଣ ବିଭାଗର ୨୬ଟି ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ସେ ରାଜଧାନୀର ପାଣ୍ଡରାଠାରେ ଏକ ବୃହତ୍ ମତ୍ସ୍ୟ ମାର୍କେଟର ଶିଳାନ୍ୟାସ କରିଛନ୍ତି। 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଅଧୀନରେ ରାଜ୍ୟ ପାଇଁ ଏକ ସମନ୍ୱିତ ଆକ୍ୱା ପାର୍କ ଏବଂ ଏକ ପାଇକାରୀ ମାଛ ବଜାରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଯୋଗ ଦେଇଛନ୍ତି। ଏହି ଅବସରରେ 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' ଓ 'ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ'ର ଶୁଭାରମ୍ଭ ବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଜି ଭାରତରତ୍ନ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଭାରତରତ୍ନ ନାନାଜୀ ଦେଶମୁଖଙ୍କ ଜନ୍ମଦିବସ। ଏହି ଅବସରରେ ଆଜି କୋଟି କୋଟି କୃଷକଙ୍କ ଲାଗି ୩୫ ହଜାର କୋଟି ଟଙ୍କାର ଯୋଜନାର ଶୁଭାରମ୍ଭ ହୋଇଛି। ଆମେ ପୂର୍ବ ସରକାରଙ୍କର ଦାୟିତ୍ୱହୀନତା ଯୋଗୁ କୃଷକମାନଙ୍କର ଯଥେଷ୍ଟ ପ୍ରଗତି ହୋଇପାରିନଥିଲା। ହେଲେ ଏନଡିଏ ସରକାର ଆସିବା ପରେ ଆମେ କୃଷି ଓ କୃଷକ ସଶକ୍ତିକରଣ କ୍ଷେତ୍ରରେ ଅଧିକ ଧ୍ୟାନ ଦେଉଛୁ। ପିଏମ୍ ଧନଧାନ୍ୟ ଯୋଜନାରେ ଦେଶରେ ଆକାଙ୍କ୍ଷୀ ଜିଲ୍ଲା ଘୋଷଣା କରାଯାଇଛି। ଆକାଙ୍କ୍ଷୀ ଜିଲ୍ଲା ଯୋଜନାରେ ସବୁ ସ୍କୁଲରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଏଠାରେ ମାତୃମୃତ୍ୟୁ ହାର କମିଛି। ଦେଶର ଶହେ ଜିଲ୍ଲାରେ କୃଷିର ଉନ୍ନତିକରଣ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଜି ଭାରତରତ୍ନ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଭାରତରତ୍ନ ନାନାଜୀ ଦେଶମୁଖଙ୍କ ଜନ୍ମଦିବସ। ଏହି ଅବସରରେ ଆଜି କୋଟି କୋଟି କୃଷକଙ୍କ ଲାଗି ୩୫ ହଜାର କୋଟି ଟଙ୍କାର ଯୋଜନାର ଶୁଭାରମ୍ଭ ହୋଇଛି। ଆମେ ପୂର୍ବ ସରକାରଙ୍କର ଦାୟିତ୍ୱହୀନତା ଯୋଗୁ କୃଷକମାନଙ୍କର ଯଥେଷ୍ଟ ପ୍ରଗତି ହୋଇପାରିନଥିଲା। ହେଲେ ଏନଡିଏ ସରକାର ଆସିବା ପରେ ଆମେ କୃଷି ଓ କୃଷକ ସଶକ୍ତିକରଣ କ୍ଷେତ୍ରରେ ଅଧିକ ଧ୍ୟାନ ଦେଉଛୁ। ପିଏମ୍ ଧନଧାନ୍ୟ ଯୋଜନାରେ ଦେଶରେ ଆକାଙ୍କ୍ଷୀ ଜିଲ୍ଲା ଘୋଷଣା କରାଯାଇଛି। ଆକାଙ୍କ୍ଷୀ ଜିଲ୍ଲା ଯୋଜନାରେ ସବୁ ସ୍କୁଲରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଏଠାରେ ମାତୃମୃତ୍ୟୁ ହାର କମିଛି। ଦେଶର ଶହେ ଜିଲ୍ଲାରେ କୃଷିର ଉନ୍ନତିକରଣ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ଓ କିସାନ ସଶକ୍ତିକରଣ ଶିବରାଜ ସିଂହ ଚୌ?ହ୍ୱାନ ଓ ବିଭାଗର ରାଜ୍ୟମନ୍ତ୍ରୀ ଭାଗୀରଥୀ ଚୌ?ଧୁରୀ ଉପସ୍ଥିତ ଅଛନ୍ତି। ଆଭାସୀ ଯୋଗେ ଏଥିରେ କେନ୍ଦ୍ର ପଞ୍ଚାୟତରାଜ, ମତ୍ସ୍ୟ ଓ ପ୍ରାଣୀସଂପଦ ମନ୍ତ୍ରୀ ରାଜୀବରଂଜନ ସିଂହ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ କୃଷି ମନ୍ତ୍ରୀ ଯୋଡ଼ିହୋଇଛନ୍ତି।

# ଜଗନ୍ନାଥ ମହାପ୍ରଭୁଙ୍କ ପାଇଁ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଲାଗିଲା ୨୦୦ ବଉଳ ଚାରା





**ପୁରୀ:** ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ପୁରୀ ଦ୍ୱାରା ଆୟୋଜିତ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସହଭାଗିତାରେ ଓ ଭାରତର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ମା' ପାଇଁ ଗଛ ଟିଏ ଦ୍ୱାରା ଅନୁପ୍ରାଣିତ ହୋଇ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ପବିତ୍ର ବଉଳ ଚାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି ପବିତ୍ର ପ୍ରୟାସ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ପରମ୍ପରା ସହିତ ଗଭୀର ଭାବରେ ଜଡିତ ଓ ବକୁଳ ଗଛର ଅପାର ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି, କାରଣ ଏହାର କାଠ ଶ୍ରୀଜୀଉମାନଙ୍କର ସେନାପଟା ଏବଂ ବାହୁଟ ନିର୍ମାଣରେ ବ୍ୟବହୃତ ହୁଏ - ସ୍ନାନଯାତ୍ରା ,ରଥଯାତ୍ରା ଏବଂ ପହଣ୍ଡି ଶୋଭାଯାତ୍ରାରେ ଓ କିମ୍ବଦନ୍ତୀ ଅନୁସାରେ, ପ୍ରଭୁ ଜଗନ୍ନାଥ ଥରେ ଜଣେ ବନ ଋଷିଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ତାଙ୍କ ଜଙ୍ଗଲରୁ ବକୁଳ ଗଛ ସବୁଦିନ ପାଇଁ ଏହି ଦିବ୍ୟ କବଚ ପାଇଁ ବ୍ୟବହୃତ ହେବ, ଯାହା ଜଙ୍ଗଲର ଅନନ୍ତ ସ୍ମୃତିକୁ ସୁନିଶ୍ଚିତ କରିବ। ପ୍ରକୃତି, ପରମ୍ପରା ଏବଂ ମାତୃତ୍ୱ ମଧ୍ୟରେ ଅନନ୍ତ ବନ୍ଧନକୁ ପାଳନ କରୁଥିବା ଏହି ବୃକ୍ଷ ଏକ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ ଏବଂ ସାଂସ୍କୃତିକ ଭାବରେ ଗୁରୁତ୍ୱପୂର୍ଣ୍ଣ । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥଲେ ସାଂସଦ ଡକ୍ଟର ସମ୍ବିତ୍ ପାତ୍ର ଓ ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଥସଦାଶିବ ପରିସରଧର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର , ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଡ. ସିଦ୍ଧେଶ୍ୱର ମହାପାତ୍ର , କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ଗଣେଶ ଦାସ ମହାପାତ୍ର, ରାମ ନାରାୟଣ ଗୋଛିକାର, ମହନ୍ତ ରଘୁବୀର ଦାସ ମହାରାଜ, ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଗବେଷକ ଡକ୍ଟର ଭାସ୍କର ମିଶ୍ର, ରଥ ପର୍ଯ୍ୟବେକ୍ଷକ ସୁଦର୍ଶନ ମେକାପ ଓ ଭୋଇ ସର୍ଦାର ରବି ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହିତ ବଉଳ ବୃକ୍ଷ ରୋପଣ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସ୍ୱାଗତ ଭାଷଣ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ଓ ଆମେ ଶ୍ରଦ୍ଧା ଏବଂ ସ୍ମୃତିର ମୂଳ ଶୁଜିବା ପାଇଁ ଏକାଠି ହୋଇ ଶତାବ୍ଦୀର ଭକ୍ତି ଏବଂ ଦିବ୍ୟ ପ୍ରତିଶ୍ରୁତି ବହନ କରୁଥିବା ଏକ ବୃକ୍ଷ ରୋପଣ କରି ଆମର ମାତା, ଆମର ପବିତ୍ର ପରମ୍ପରା ଏବଂ ଆମର ପରିବେଶକୁ ସମ୍ମାନ କରିବା । ଏହି କାର୍ଯ୍ୟକ୍ରମରେ ୨୦୦ ବଉଳ ଚାରା ଲଗାଯିବା ସହିତ ବିଶ୍ୱବିଦ୍ୟାଳୟ ସମସ୍ତ ଛାତ୍ର ଓ ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ,କର୍ମଚାରୀ ସହଯୋଗ କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଭରତ କୁମାର ନାୟକ, ବିଦ୍ରୋହ କେଶରୀ ସିଂ, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ଦେବେନ୍ଦ୍ର ମହାପାତ୍ର, ସୋମ୍ୟରଂଜନ ମିଶ୍ର, ଶିବସୁନ୍ଦର ମିଶ୍ର, ଭବାନୀ ଶଙ୍କର , ପୁଷ୍କର ସାହୁ, ପୂର୍ଣ୍ଣ ଚନ୍ଦ୍ର ଓଝା ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।







ଓଡ଼ିଶାର ସୁନାମଧନ୍ୟ ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତଜ୍ଞ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀଙ୍କୁ କୁମାର ଉତ୍ସବ ୨୦୨୫ ସମ୍ମାନରେ ସମ୍ମାନିତ କରୁଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ।



ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ମୁକ୍ତି ବଜାର ବାଲିସାହି ଠାରେ ଶ୍ରୀଶ୍ରୀ ଗଜଲକ୍ଷ୍ମୀ ବ୍ୟବସାୟୀ ସଂଘ ପରିବାର ତରଫରୁ ଆୟୋଜିତ ଭଜନ ସମାରୋହ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଯୋଗଦେବା ଅବସରରେ।



ପୁରୀ ନରେନ୍ଦ୍ର କୋଣଠାରେ ଅବସ୍ଥିତ ମା' ସର୍ବମଙ୍ଗଳାଙ୍କର ଶାରଦୀୟ ଦୁର୍ଗାପୂଜା ନୀତି ଅନୁଷ୍ଠିତ।

## ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ନିୟମିତ ଲାଗି ଦାବିପତ୍ର ପ୍ରଦାନ



**ପୁରୀ:** ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାରର ଅସ୍ଥାୟୀ କର୍ମଚାରୀମାନେ ଚାକିରି ନିୟମିତ କରିବା ଦାବିରେ ସାଂସଦ ଡାକ୍ତର ସମ୍ବିତ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡାକ୍ତର ପାତ୍ରଙ୍କୁ ସଂଘର ଶିବସୁନ୍ଦର ମିଶ୍ର ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା କର୍ମଚାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ପରୀକ୍ଷାଠୁ ନେଇ ପ୍ରତ୍ୟେକ କ୍ଷେତ୍ରରେ କର୍ମଚାରୀଙ୍କର ଭୂମିକା ରହିଛି। ତେବେ ଏଯାବତ୍ କର୍ମଚାରୀମାନେ ୧୫ରୁ ୧୮ ହଜାର ଟଙ୍କା ଦରମାରେ କାମ କରିଆସୁଛନ୍ତି। ମହଙ୍ଗା ଯୁଗରେ ଏତିକି ଅର୍ଥରେ ପରିବାର ପ୍ରତିପୋଷଣ ତ ଦୂରର କଥା ମେଡିସିନ୍ ପାଇଁ ମଧ ଅର୍ଥ ବଞ୍ଚୁନାହିଁ । ଏ ବାଦରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲୁ। ଉଚ୍ଚ ନ୍ୟାୟାଳୟ ବିଚାର ପୂର୍ବକ ଗତ ୨୦୨୪ ମସିହା ଜୁଲାଇ ୧୯ ତାରିଖ ଦିନ ସରକାର ଓ ବିଶ୍ୱବିଦ୍ୟାଳୟକୁ ୪ ମାସ ମଧ୍ୟରେ ପୋଷ୍ଟ ସୃଷ୍ଟି କରି ନିୟମିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସହୃଦୟତାର ସହ ବିଚାର କରି ସାଂସଦ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଉଚ୍ଚଶିକ୍ଷା ବିଭାଗ ସହ ଆଲୋଚନା କରିବାକୁ ଦାବି କରିଛନ୍ତି ।



ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଠାରେ ୧୦ତମ ଆୟୁର୍ବେଦ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଯୋଗଦାନ ।



ବାଲିଗୁଆଲି ପଞ୍ଚାୟତର ଗୋପାଳପୁରରେ ସ୍ଥାନୀୟ ସମସ୍ୟା ଉପରେ ଲୋକଙ୍କ ସହ ଆଲୋଚନା କରିଛନ୍ତି ସାଂସଦ ଡ. ସମ୍ବିତ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ।

# ହବିଷ୍ୟାଳୀ ବ୍ରତ ଓଡ଼ିଆ ଜାତିର ଧର୍ମୀୟ ଭାବନାରେ ଶ୍ରେଷ୍ଠ ପ୍ରତୀକ: ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ






**ପୁରୀ:** ଧର୍ମ ମାସ କାର୍ତ୍ତିକ ର ହବିଷ୍ୟାଳୀ ବ୍ରତ ଓଡ଼ିଆ ଧର୍ମୀୟ ଭାବନାକୁ ଋଦ୍ଧିମନ୍ତ କରିଛି। ଏହି ହବିଷ୍ୟାଳୀ ମା ମାନଙ୍କର ପୂଣ୍ୟ ଆମ ସମସ୍ତଙ୍କୁ ଆଶୀର୍ବାଦ ଦେଇ ଚାଲିଥିବ ବୋଲି କହିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବୃନ୍ଦାବତୀ ନିବାସ ହବିଷ୍ୟାଳୀ କେନ୍ଦ୍ର ପରିସରରେ କାର୍ତ୍ତିକ ବ୍ରତ ୨୦୨୫ର ଶୁଭାରମ୍ଭ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କଷ୍ଟରେ କୃଷ୍ଣ ପ୍ରାପ୍ତି ହୁଏ ର ବାକ୍ୟକୁ ମା ମାନେ ଅନୁପାଳନ କରିଛନ୍ତି ଏହି ହବିଷ୍ୟାଳୀ ମାସରେ ବୋଲି କହିଛନ୍ତି। ଗୋଟିଏ ବେଳା ମହାପ୍ରସାଦ ସେବନ ସହ ମହାପ୍ରଭୁଙ୍କ ନିକଟରେ ନିଜ କୁ ସମର୍ପଣ କରି ସେମାନେ ଅଶେଷ ପୂଣ୍ୟ ଅର୍ଜନ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ ରହିଛି ଯେପରି ମା ମାନଙ୍କ ର ଏହି ଏକ ମାସର ରହଣୀ କୁ ଶୃଙ୍ଖଳା, ସୁସ୍ଥ ଓ ସୁରକ୍ଷିତ ଭାବେ କରାଯିବ। ଏତେ ବଡ କାର୍ଯ୍ୟ ରେ କେଉଁଠାରେ ଛୋଟ ଛୋଟ ତ୍ରୁଟି ଦେଖିଲେ ତାହାର ସମାଧାନ ପାଇଁ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅନୁରୋଧ କରିବା ସହ ଆଗାମୀ ପିଢି ମା ମାନଙ୍କ ଏହି ବ୍ରତ ଦ୍ୱାରା ଅନୁପ୍ରାଣିତ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈଶାଖ ରେ ଜଳଦାନ, ମାଘରେ ସ୍ନାହାନ ଓ କାର୍ତ୍ତିକ ରେ ଦୀପଦାନ ଶ୍ରେଷ୍ଠ ପୂଣ୍ୟ। ମା ମାନଙ୍କ ହବିଷ ବ୍ରତ ପାଇଁ ରାଜ୍ୟ ସରକାର ଚଳିତ ବର୍ଷ ୩ କୋଟି ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଛନ୍ତି ଯାହା ଗତବର୍ଷ ଅପେକ୍ଷା ୭୦ ଲକ୍ଷ ଟଙ୍କା ଅଧିକ। ତେବେ ମା ମାନଙ୍କ ତ୍ୟାଗ ଓ ଆଶୀର୍ବାଦ ଆଗରେ ଏ ଅର୍ଥ କିଛି ନୁହେଁ ବୋଲି ସେ ମତ ଦେଇ କାର୍ତ୍ତିକ ମାସ ର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।



# ପୁରୀ ପର୍ଯ୍ୟଟନ କାର୍ଯ୍ୟାଳୟଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ



ପୁରୀ: ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗଦେଇ ପୁରୀ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ବୋଲି କହିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀକ୍ଷେତ୍ର ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ଦୃଷ୍ଟି ରୁ ବେଶ ମହତ୍ତ୍ୱ ରଖେ। ଏହାର ଅଧିବାସୀ ଭାବେ ଅତିଥି ଦେବୋ ଭବଃ ର ପରମ୍ପରା କୁ ଅକ୍ଷୁର୍ଣ୍ଣ ରଖି ଆମେ ସମସ୍ତ ପର୍ଯ୍ୟଟକ ଙ୍କୁ ଉଚିତ ସେବା ଓ ସମ୍ମାନ ଦେବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ।ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଆୟୋଜିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ଅତିରିକ୍ତ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟ ର ଛାତ୍ରୀ ସ୍ମୃତି ପ୍ରଜ୍ଞା ରାଜେଶ୍ୱରୀ ପ୍ରଥମ, ପିପିଲି କଲେଜର ମିଳିନା ସାହୁ ଦ୍ୱିତୀୟ ଓ ସୁରୁଜମଲ ଶାହା କଲେଜର ବିଶ୍ୱ ଭୂଷଣ ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରିଥିଲେ।ସେହିପରି ମହାବିଦ୍ୟାଳୟ କୁଇଜ ରେ ଆଇଏମଟି ଫାର୍ମାସି କଲେଜର ଛାତ୍ର ଦୂର୍ଗା ମାଧବ ମହାନ୍ତି ପ୍ରଥମ, ଏସସିଏସ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଛାତ୍ରୀ ସୌମ୍ୟାଶାନ୍ତି ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ନିମାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଛାତ୍ରୀ ଲକ୍ଷ୍ମୀ ପ୍ରିୟା ପାଣ୍ଡିଆ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।




# ରାଷ୍ଟ୍ର ସାଧନାର ଶହେ ବର୍ଷ



**ନରେନ୍ଦ୍ର ମୋଦି**
ଭାରତର ପ୍ରଧାନମନ୍ତ୍ରୀ

ଶହେ ବର୍ଷ ପୂର୍ବେ ବିଜୟାଦଶମୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ପ୍ରତିଷ୍ଠା ହୋଇଥିଲା। ଏହା ଥିଲା ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ସେହି ପରମ୍ପରାର ପୁନଃ ପ୍ରତିଷ୍ଠା, ଯେଉଁଥିରେ ରାଷ୍ଟ୍ର ଚେତନା ସମୟ ସମୟରେ ତତ୍କାଳୀନ ଯୁଗର ଆହ୍ୱାନକୁ ସାମ୍ନା କରିବା ଲାଗି ନୂଆ ନୂଆ ଅବତାରରେ ପ୍ରକଟ ହୋଇଥାଏ। ଏହି ଯୁଗରେ ସଂଘ ସେହି ଅନନ୍ତ ରାଷ୍ଟ୍ର ଚେତନାର ପୁଣ୍ୟ ଅବତାର। ଏହା ଆମ ସ୍ୱେଚ୍ଛାସେବକ ପିଢ଼ିର ସୌଭାଗ୍ୟ ଯେ ଆମେ ସଂଘର ଶତବାର୍ଷିକୀ ବର୍ଷ ଭଳି ଏକ ମହାନ୍ ଅବସରର ସାକ୍ଷୀ। ମୁଁ ଏହି ଅବସରରେ ରାଷ୍ଟ୍ର ସେବାର ସଂକଳ୍ପ ପ୍ରତି ସମର୍ପିତ କୋଟି କୋଟି ସ୍ୱୟଂସେବକଙ୍କୁ ଶୁଭକାମନା ଜଣାଉଛି । ମୁଁ ସଂଘର ପ୍ରତିଷ୍ଠାତା, ଆମ ସମସ୍ତଙ୍କର ଆଦର୍ଶ ପରମ ପୂଜ୍ୟ ଡକ୍ଟର ହେଡଗେୱାର ଜୀଙ୍କ ଚରଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ! ଏହେ ବର୍ଷ ଧରି ସଂଘର ଏହି ଗୌରବମୟ ଯାତ୍ରାକୁ ସ୍ମରଣକରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ଡାକ ଟିକେଟ ଏବଂ ସ୍ମାରକୀ ମୁଦ୍ରା ମଧ୍ୟ ଜାରି କରିଛନ୍ତି। ବିଶାଳ ନଦୀ କୂଳରେ ଯେପରି ଭାବେ ମାନବ ସଭ୍ୟତା ବିକଶିତ ହୋଇଥାଏ, ଠିକ୍ ସେହିପରି ସଂଘ କୂଳରେ ଶହ ଶହ ଜୀବନ ପ୍ରସ୍ଫୁଟିତ ହୋଇଛି। ପ୍ରତ୍ୟେକ ନଦୀ ଯେଉଁ ମାର୍ଗ ଦେଇ ବୋହିଯାଇଥାଏ, ସେହି କ୍ଷେତ୍ରକୁ ନିଜର ଜଳ ମାଧ୍ୟମରେ ସମୃଦ୍ଧ କରିଥାଏ । ଅନୁରୂପ ଭାବେ ସଂଘ ଏ ଦେଶର ପ୍ରତ୍ୟେକ କ୍ଷେତ୍ର, ସମାଜର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଛି। ନଦୀ ଯେପରି ଅନେକ ଧାରା ମାଧ୍ୟମରେ ନିଜକୁ ପ୍ରକଟିତ କରିଥାଏ, ସଂଘର ଯାତ୍ରା ମଧ୍ୟ ସେପରି ରହିଆସିଛି । ସଂଘର ଭିନ ଭିନ୍ନ ସଙ୍ଗଠନ ମଧ୍ୟ ଜୀବନର ପ୍ରତ୍ୟେକ ପକ୍ଷ ସହ ଯୋଡ଼ିହୋଇ ରାଷ୍ଟ୍ର ସେବା କରୁଛନ୍ତି । ଶିକ୍ଷା, କୃଷି, ସମାଜ କଲ୍ୟାଣ, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତୀକରଣ, ସାମାଜିକ ଜୀବନର ଏପରି ଅନେକ କ୍ଷେତ୍ରରେ ସଂଘ ନିରନ୍ତର କାର୍ଯ୍ୟ କରୁଅଛି। ବିବିଧ କ୍ଷେତ୍ରରେ କାମ କରୁଥିବା ପ୍ରତ୍ୟେକ ସଂଗଠନର ସମାନ ଉଦ୍ଦେଶ୍ୟ, ସମାନ ଭାବନା... ରାଷ୍ଟ୍ର ପ୍ରଥମେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଠନ ହେବା ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସଂଘ, ବ୍ୟକ୍ତି ନିର୍ମାଣ କରିଆରେ ରାଷ୍ଟ୍ର ନିର୍ମାଣର ମାର୍ଗ ଚୟନ କରିଛି ଏବଂ ଏହାକୁ ଜାରି ରଖିବା ପାଇଁ ଯେଉଁ କାର୍ଯ୍ୟପଦ୍ଧତି ଚୟନ କରିଛି ତାହା ହେଉଛି ନିତ୍ୟ-ନିୟମିତ ଚାଲୁଥିବା ଶାଖା। ସଂଘ ଶାଖାର ସେହି ପଡ଼ିଆ ଏପରି ଏକ ପ୍ରେରଣାର ଭୂମି, ଯେଉଁଠି ସ୍ୱୟଂସେବକମାନଙ୍କର ଅହମରୁ ବୟଂର ଯାତ୍ରା ଆରମ୍ଭ ହୋଇଥାଏ। ସଂଘର ଶାଖାଗୁଡ଼ିକ ବ୍ୟକ୍ତି ନିର୍ମାଣର ଯଜ୍ଞବେଦୀ। ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟ, ବ୍ୟକ୍ତି ନିର୍ମାଣର ସ୍ପଷ୍ଟ ପଥ ଏବଂ ଶାଖା ଭଳି ସରଳ, ଜୀବନ୍ତ କାର୍ଯ୍ୟପଦ୍ଧତି, ଏସବୁ ସଂଘର ଶହେ ବର୍ଷ ଯାତ୍ରାର ଆଧାର ପାଲଟିଛି। ଏହିସବୁ ସ୍ତମ୍ଭ ଉପରେ ଛିଡ଼ାହୋଇ ସଂଘ ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କୁ ଗଢ଼ିଛି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଦେଶକୁ ଆଗେଇନେଉଛନ୍ତି। ସଂଘ ଅସ୍ତିତ୍ୱ ଲାଭ କରିବା ଆଗେଇନେଉଛନ୍ତି। ସଂଘ ଅସ୍ତିତ୍ୱ ଲାଭ କରିବା ଦିନଠାରୁ ଦେଶର ପ୍ରାଥମିକତା ହିଁ ସଂଘର ନିଜସ୍ୱ ପ୍ରାଥମିକତା ରହିଆସିଛି। ସ୍ୱାଧୀନତା ସଂଗ୍ରାମ ସମୟରେ ପରମ ପୂଜ୍ୟ ଡକ୍ଟର ହେଡ଼୍ ?ୱାର ଜୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ, ଡକ୍ଟର ସାହେବ ଅନେକ ଥର ଜେଲ ମଧ୍ୟ ଯାଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସଂଘ ସଂରକ୍ଷଣ ଦେଇଥିଲା। ସେମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାମ କରିଥିଲା। ସ୍ୱାଧୀନତା ପରେ ମଧ୍ୟ ସଂଘ ନିରନ୍ତର ରାଷ୍ଟ୍ର ସାଧନରେ ନିୟୋଜିତ ରହିଆସିଛି। ଏହି ଯାତ୍ରାରେ ସଂଘ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିଲା, ସଂଘକୁ ଦଳିମକଚି ଦେବାକୁ ଉଦ୍ୟମ କରାଯାଇଥିଲା । ଋଷିତୁଲ୍ୟ ପରମ ପୂଜ୍ୟ ଗୁରୁଜୀଙ୍କୁ ମିଛ କେସ୍‌ରେ ଫସେଇ ଦିଆଗଲା । କିନ୍ତୁ ସଂଘ ସ୍ୱୟଂସେବକମାନେ କେବେ ବି କଟୁତାକୁ ଗ୍ରହଣ କରି ନ ଥିଲେ। କାରଣ ସେମାନେ ଜାଣିଥିଲେ, ଆମେ ସମାଜଠାରୁ ଭିନ୍ନ ନୁହେଁ, ବରଂ ସମାଜ ତ ଆମକୁ ନେଇ ଗଢ଼ା ହୋଇଛି । ସମାଜ ସହିତ ଏକାମୁତା ଏବଂ ସାମ୍ବିଧାନିକ ସଂସ୍ଥା ପ୍ରତି ଆସ୍ଥା ସଂଘର ସ୍ୱୟଂସେବକମାନଙ୍କୁ ପ୍ରତ୍ୟେକ ସଙ୍କଟ ସମୟରେ ସ୍ଥିତପ୍ରଜ୍ଞ ରଖୁସିଛି, ସମାଜ ପ୍ରତି ସମ୍ବେଦନଶୀଳ କରି ରଖୁଛି। ପ୍ରତିଷ୍ଠା ଦିନରୁ ସଂଘ ଦେଶପ୍ରେମ ଏବଂ ସେବାର ସମର୍ଥକ ହୋଇଆସିଛି। ଯେତେବେଳେ ସେତେବେଳେ ସ୍ୱେଚ୍ଛାସେବକମାନେ ଶରଣାର୍ଥୀଙ୍କ ସେବା କରିଥିଲେ। ପ୍ରତ୍ୟେକ ବିପଦରେ, ସଂଘର ସ୍ୱେଚ୍ଛାସେବକମାନେ ସେମାନଙ୍କର ସୀମିତ ସମ୍ବଳ ସହିତ ସର୍ବାଗ୍ରେ ଠିଆହୋଇଥିଲେ। ଏହା କେବଳ ସାହାଯ୍ୟ ନ ଥିଲା ; ଏହା ଦେଶର ଆତ୍ମାକୁ ଶକ୍ତିଶାଳୀ କରିବାର ଏକ କାର୍ଯ୍ୟ ଥିଲା। ବ୍ୟକ୍ତିଗତ ଦୁଃଖ ସହ୍ୟ କରିବା । ଏବଂ ଅନ୍ୟମାନଙ୍କ ଦୁଃଖ ଦୂରକରିବା ପ୍ରତ୍ୟେକ ସ୍ୱେଚ୍ଛାସେବକର ଲକ୍ଷଣ। ଆଜି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିବା ମଧ୍ୟରେ ଅନ୍ୟତମ। ନିଜର ଶହେ ବର୍ଷର ଏହି ଯାତ୍ରାରେ, ସଂଘ ସମାଜର ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଆତ୍ମବୋଧ ଜାଗ୍ରତ କରିଛି, ସ୍ୱାଭିମାନ ଜଗାଇଛି। ସଂଘ ଦେଶର ସେହି କ୍ଷେତ୍ରଗୁଡ଼ିକରେ ମଧ୍ୟ କାମକରି ଆସିଛି, ଯାହା ଦୁର୍ଗମ, ଯେଉଁଠି ପହଞ୍ଚିବା ସବୁଠୁ କଠିନ। ସଂଘ ଅନେକ ଦଶନ୍ଧି ଧରି ଆଦିବାସୀ ପରମ୍ପରା, ଆଦିବାସୀ ରୀତିନୀତି, ଆଦିବାସୀ ମୂଲ୍ୟବୋଧକୁ ସାଇତି ରଖିବାରେ ନିଜର ସହଯୋଗ ଦେଇ ଆସିଛି। ନିଜର କର୍ତ୍ତବ୍ୟ ନିର୍ବାହ କରି ଆସିଛି। ଆଜି ସେବା ଭାରତୀ, ବିଦ୍ୟା ଭାରତୀ, ଏକଲ ବିଦ୍ୟାଳୟ, ବନବାସୀ କଲ୍ୟାଣ ଆଶ୍ରମ, ଆଦିବାସୀ ସମାଜର ସଶକ୍ତୀକରଣ ପାଇଁ ଆଧାର ପାଲଟିଛନ୍ତି। ଶହ ଶହ ବର୍ଷ ଧରି ସମାଜରେ ଘର କରି ନେଇଥିବା କଳୁଷତା, ପ୍ରଚଳିତ କୁପ୍ରଥା ଉଚ୍ଚନୀଚ ଭାବନା ସୃଷ୍ଟିକରିବା ସହ ହିନ୍ଦୁ ସମାଜ ପାଇଁ ବହୁତ ବଡ଼ ଆହ୍ୱାନ ଭାବେ ରହିଆସିଛି। ଏସବୁ ଗମ୍ଭୀର ଚିନ୍ତା ଉପରେ ସଂଘ ଲଗାତର କାମ କରିଆସିଛି। ଡକ୍ଟର ସାହେବଙ୍କଠାରୁ ନେଇ ଆଜି ପର୍ଯ୍ୟନ୍ତ, ସଂଘର ପ୍ରତ୍ୟେକ ମହାନ୍ ବିଭୂତିମାନେ ପ୍ରତ୍ୟେକ ସର-ସଂଘଚାଳକମାନେ ଭେଦଭାବ ଏବଂ ଛୁଆଁଅଛୁଆଁ ବିରୋଧରେ ଲଢ଼େଇ କରିଛନ୍ତି। ପରମପୂଜ୍ୟ ଗୁରୁଜୀ ନିରନ୍ତର ନ ହିନ୍ଦୁ ପତି ଗବେଡ୍' ଭାବନାକୁ ପ୍ରଚାରପ୍ରସାର କରିଛନ୍ତି। ପୂଜ୍ୟ ବାଲା ସାହେବ ଦେବରସ ଜୀ କହୁଥିଲେ ଛୁଆଁ ଅଛୁଆଁ ଯଦି ପାପ ନୁହେଁ, ତା'ହେଲେ ଦୁନିଆରେ କୌଣସି ପାପ ନାହିଁ! ସର-ସଂଘଚାଳକ ଥିବା ସମୟରେ ପୂଜ୍ୟ ରଜ୍ଜୁ ଭୈୟାଜୀ ଏବଂ ପୂଜ୍ୟ ସୁଦର୍ଶନଜୀ ମଧ୍ୟ ଏହି ଭାବନାକୁ ଆଗକୁ ବଢ଼ାଇଥିଲେ। ବର୍ତ୍ତମାନର ସରସଂଘଚାଳକ ଆଦରଣୀୟ ମୋହନ ଭାଗବତଜୀ ମଧ୍ୟ ସୌହାର୍ଦ୍ଦ୍ୟ ପାଇଁ ସମାଜ ସାମ୍ନାରେ ଏକ କୂପ, ଏକ ମନ୍ଦିର ଏବଂ ଏକ ଶ୍ମଶାନର ସ୍ପଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଯେତେବେଳେ ସଂଘ ଶହେ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିଲା, (ପୃଷ୍ଠା-୬)

# ଦୁର୍ଗତୀନାସିନୀ

■ **ଶିବ ସୁନ୍ଦର ପଟ୍ଟନାୟକ**

ମା'ଦୁର୍ଗା ନାନା ନାମରେ ନାମିତ – ସେ ଦୁର୍ଗତି ନାଶିନୀ ଶକ୍ତି ପ୍ରଦାୟିନୀ ଦୁର୍ଗା, ବିଭବ ଦାୟିନୀ ଲକ୍ଷ୍ମୀ ଓ ବିଦ୍ୟାଦାତ୍ରୀ ସରସ୍ୱତୀ ଅଟନ୍ତି । ବ୍ୟାକରଣ ଦୃଷ୍ଟିରୁ ଦୁର (ଦୁଃଖ) + ଗମ୍ (ଗମନ କରିବା ବା ଦୂର କରିବା) + ଆ (ସ୍ତ୍ରୀ ଲିଙ୍ଗରେ) ଅର୍ଥାତ୍ ଯେଉଁ ଦେବୀ ଦୁଃଖ ବା ମହାବିଘ୍ନ ଦୂର କରନ୍ତି । ଦୁର୍ଗତି ନାଶିନୀ ଦୁର+ଗମ୍+ତି ବା ଦୁରବସ୍ଥା ନାଶିନୀ (ଦୂର କରିବା ବ୍ୟକ୍ତି–ସ୍ତ୍ରୀ) । ସ୍କନ୍ଦ ପୁରାଣ ଅନୁସାରେ ମା' ଦୁର୍ଗା ଦୁର୍ଗ ନାମକ ରାକ୍ଷସକୁ ମାରି ଦୁର୍ଗତି ହରଣ କରିଥିବାରୁ ସେ ଦେବୀ ଦୁର୍ଗା ନାମ ଗ୍ରହଣ କରିଅଛନ୍ତି । ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ, ଶିବପତ୍ନୀ ସତୀ ସ୍ୱାମୀଙ୍କ ବାରଣ ସତ୍ତ୍ୱେ ପିତ୍ରାଳୟରେ ହେଉଥିବା ଦକ୍ଷ ଯଜ୍ଞରେ ଯୋଗଦେଇ ସେଠାରେ ନିଜର ଓ ସ୍ୱାମୀଙ୍କ ଅପମାନ ସହି ନପାରି ଯଜ୍ଞ କୁଣ୍ଡରେ ଝାସ ଦେଇ ମୃତ୍ୟୁବରଣ କଲେ । ଫଳରେ ଶିବ ଦକ୍ଷଯଜ୍ଞ ଧ୍ୱଂସ କରି ସତୀଙ୍କ ମୃତ ଦେହକୁ ଧରି ରୁଦ୍ରମୂର୍ତ୍ତି ଧାରଣ କରି ତାଣ୍ଡବ ନୃତ୍ୟ କରିବାରେ ଲାଗିଲେ । ବିଷ୍ଣୁ ଶିବଙ୍କୁ ଶାନ୍ତ କରିବା ପାଇଁ ସତୀଙ୍କ ଶରୀରକୁ ସୁଦର୍ଶନ ଚକ୍ରଦ୍ୱାରା ଖଣ୍ଡ ଖଣ୍ଡ କରିଦେଲେ । ସତୀଙ୍କ ଶରୀର ଓଡ଼ିଶାର ବିଭିନ୍ନ ଶକ୍ତିପୀଠରେ ପଡ଼ିଥିଲା । କଥିତ ଅଛି ଯେ, ଯାଜପୁର ବିରଜା, ବାଣପୁର ଭଗବତୀ, ଭାଲେରୀ ଖୋଲରେ ନାରାୟଣୀ, ତାରାତାରିଣୀ ପର୍ବତରେ ତାରାତାରିଣୀ,



ସମ୍ବଲପୁରରେ ସମଲେଶ୍ୱରୀ, ଶ୍ରୀମନ୍ଦିରରେ ବିମଳା, ଝଙ୍କଡ଼ରେ ସାରଳା, ଘଟଗାଁରେ ତାରେଣୀ, ଭଦ୍ରକରେ ଭଦ୍ରକାଳୀ, କଟକରେ କଟକଚଣ୍ଡୀ ଓ ଗଡ଼ଚଣ୍ଡୀ, କୋଣାର୍କରେ ରାମଚଣ୍ଡୀ ଓ କାକଟପୁରର ମଙ୍ଗଳା, ଭୁଷଣ୍ଡପୁରରେ ଉଗ୍ରତାରା, ଖୋର୍ଦ୍ଧାରେ ବରୁଣେଇ-କରୁଣେଇ, କୁଲାଡ଼ରେ (ଭଞ୍ଜନଗର ନିକଟ) ବ୍ୟାଘ୍ର ଦେବୀ, ତାଳଚେରରେ ହିଙ୍ଗୁଳା, କଳାହାଣ୍ଡୀରେ ମାଣିକେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ରଣପୁରରେ ମଣିନାଗ, ବାଙ୍କୀରେ ଚର୍ଚ୍ଚିକା, ଜୁନାଗଡ଼ରେ ଲଙ୍କେଶ୍ୱରୀ, ଭୁବନେଶ୍ୱରରେ ଗୌରୀ ଏହିପରି ଓଡ଼ିଶାର ବିଭିନ୍ନ ଶକ୍ତିପୀଠରେ ପଡ଼ିଥିବା ଲୋକ ପ୍ରବାଦ ରହିଅଛି । ଓଡ଼ିଶାର ବିଭିନ୍ନ ଗ୍ରାମରେ ବିଭିନ୍ନ ନାମରେ ଗ୍ରାମଦେବତୀ ଅଛନ୍ତି । ଅନେକ ଦେବୀଙ୍କର ମନ୍ଦିର ନାହିଁ । ଖୋଲା ଜାଗାରେ ବୃକ୍ଷମୂଳେ ଆସ୍ଥାନ ଅଛି । ସାଧାରଣତଃ ଓଡ଼ିଶାରେ ଠାକୁରାଣୀଙ୍କ ନାମ ପ୍ରାୟ ସମସ୍ତ ଗ୍ରାମରେ ରାମଚଣ୍ଡୀ ରହି ଅଛି । ଏହା ପୁରୀ ରାମଚଣ୍ଡୀ ଠାକୁରାଣୀ ଓ କୋଣାର୍କ ରାମଚଣ୍ଡୀ ଠାକୁରାଣୀଙ୍କ ନାମ ଅନୁସାରେ ହୋଇଅଛି । ପୁରୀ ଗଜପତିଙ୍କ ରାଜ୍ୟ ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା ସେହି ଅଞ୍ଚଳରେ ରାମଚଣ୍ଡୀ ଠାକୁରାଣୀ ବିଜେ କରିଅଛନ୍ତି। ସବୁ ଗଡ଼ଜାତରେ ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟ ଅଛି । କାକଟପୁରସ୍ଥ ମା' ମଙ୍ଗଳାଙ୍କ ନିକଟରେ ଯାଗ, ଭୋଗରାଗ କରି ଦୟିତାପତି ଓ ବ୍ରାହ୍ମଣମାନେ ଦେବୀଙ୍କ ସ୍ୱପ୍ନାଦେଶ ଅନୁସାରେ ସେହି ସେହି ସ୍ଥାନକୁ ଯାଇ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ ନିମନ୍ତେ ବୃକ୍ଷ ନିରୂପଣ କରନ୍ତି । ଭାରତରେ ଦୁର୍ଗା ଦେବୀଙ୍କର ଅନ୍ୟତ୍ର ନବରାତ୍ରୀ ପୂଜା କରାଯାଉଥିଲେ ହେଁ ଓଡ଼ିଶାରେ ଷୋଡ଼ଶ ଦିବସ ପୂଜା କରାଯାଏ । ଏହି ଦୁର୍ଗୋତ୍ସବ ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଳ ଅଷ୍ଟମୀ ତିଥ୍ୟା ପର୍ଯ୍ୟନ୍ତ ହୁଏ । ଏହା ଠାକୁରାଣୀଙ୍କ ପୀଠ ସ୍ଥଳିରେ ହୁଏ । ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀ, ଅଷ୍ଟମୀ, ନବମୀ ତିଥିରେ ଦେବୀଙ୍କର ସ୍ୱତନ୍ତ୍ର ପୂଜା ହୋମ ଇତ୍ୟାଦି କରାଯାଏ । ଶୁକ୍ଳ ଦଶମୀ ତିଥ୍ୟରେ ଦେବୀଙ୍କ ପୂଜା ଅର୍ଚ୍ଚନା ହୁଏ ଓ ଓଡ଼ିଶାର ପୁରପଲ୍ଲୀର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଜୀବିକା ଅର୍ଜନରେ ବ୍ୟବହୃତ ଅସ୍ତ୍ର, ଶସ୍ତ୍ର ପୂଜା କରି ଦଶହରା ବେଦୀକୁ ଗ୍ରାମର ସମସ୍ତ ଦେବାଦେବୀଙ୍କୁ ବିମାନରେ ବସାଇ ନେଇ ସେଠାରେ ହୋମ, ଭୋଗ ଇତ୍ୟାଦି ଦେବାଦେବୀଙ୍କୁ ଅର୍ପଣ କରି ନିଜ ନିଜର ଅସ୍ତ୍ରଶସ୍ତ୍ର ଅନୁକୂଳ କରନ୍ତି । ଗ୍ରାମମାନଙ୍କରେ ରାମଲୀଳା, ଦଣ୍ଡଯାତ, ଭାରତ ନାଟକ, ନୃସିଂହ ଯାତ, ମଥୁରାମଙ୍ଗଳ (ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା), ନୃତ୍ୟ, ସଂଗୀତ ଓ ଗୋଟିପୁଅ ନାଚ ଇତ୍ୟାଦି ଲୋକନୃତ୍ୟ-ନାଟକର କିୟଦଂଶ ପରିବେଷଣ କରାଯାଏ । ଦଶହରା ଦିବସର ପରଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଗ୍ରାମେ ଗ୍ରାମେ ବୁଲି ନିଜ ନିଜର କଳାକୃତି ପରିବେଷଣ କରନ୍ତି । ଓଡ଼ିଶାର ପୁରପଲ୍ଲୀରେ ପାଇକମାନଙ୍କ ଶିକ୍ଷାକେନ୍ଦ୍ର ଆଖଡ଼ାଘର ରହିଅଛି । ଏହି ପାଇକ କଳା ଢାଲ, ଖଣ୍ଡା, ମୁଦ୍‌ଗର, ବର୍ଚ୍ଛା ଚାଳନ ପୂର୍ବ ସ୍ମୃତି ଜାଗରଣ କରୁଅଛି । ଏହି ପାଇକ କଳା ପ୍ରଥମେ ପ୍ରଦର୍ଶନ ଦଶହରା ଦିନ କରାଯାଇ ଗ୍ରାମେ ଗ୍ରାମେ ପାଇକମାନେ ଯାଇ ନିଜର କୃତି ଦେଖାଇଥାନ୍ତି । ବର୍ତ୍ତମାନ ଓଡ଼ିଶା ସରକାର ଏହି କଳାର ବିକାଶ ପାଇଁ ଚେଷ୍ଟା କରୁଅଛନ୍ତି । ଖୋରଧା ଜିଲ୍ଲା ମାଣିକାଗୋଡ଼ାର ପାଇକ ଦଳ ପ୍ରଥମେ ଗହ୍ମାପୂର୍ଣ୍ଣିମା (ଶ୍ରାବଣ ମାସ ପୂର୍ଣ୍ଣମୀ) ଦିନ ଅନୁକୂଳ କରାଯାଏ ଓ ଗ୍ରାମର ବାଳକମାନଙ୍କୁ ଶିକ୍ଷା ଦିଆଯାଇ ଦଳବେହେରା ଦ୍ୱାରଦେଶରେ ପ୍ରଥମେ ଦଶହରା ଦିନ ପ୍ରଦର୍ଶନ କରାଯାଏ । ପାଇକ ଗୁରୁ ନିର୍ଣ୍ଣୟ ଓ ଆଖଡ଼ା ପିଲା ନିର୍ଣ୍ଣୟରେ ହିନ୍ଦୁ ମୁସଲମାନ ବାଛ ବିଚାର ନଥାଏ । ଦେବୀ ପୂଜାର ବିଶେଷ ଆକର୍ଷଣ ଆମ୍ଭମାନଙ୍କ ପୂର୍ବ ସଂସ୍କୃତି ପାଇକ କଳା ପ୍ରଦର୍ଶନ । ଓଡ଼ିଶାର ପ୍ରାୟ ଅଧିକାଂଶ ସ୍ଥାନରେ କେବଳ ଦେବୀ ପୀଠରେ ଶାରଦୀୟ ଦୁର୍ଗୋତ୍ସବ କରାଯାଏ । କେତେକ ଜାଗାରେ ଚାରିଦିନ ବ୍ୟାପୀ ଆଶ୍ୱିନୀ ଶୁକ୍ଳ ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ବା ଦଶହରା ପର୍ଯ୍ୟନ୍ତ ଦେବୀଙ୍କର ପୂଜା, ହୋମ ଇତ୍ୟାଦି ହୁଏ । ଅଧିକାଂଶ ଜାଗାରେ ଷୋଳ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଆଶ୍ୱିନ କୃଷ୍ଣ ଅଷ୍ଟମୀରୁ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ପର୍ବ ପାଳନ କରାଯାଏ । ଗ୍ରାମର ବିଭିନ୍ନ ବଂଶର ଲୋକ ପାଳିକରି ନିର୍ଦ୍ଧାରିତ ଅକ୍ଟୋବର ୨୦୧୦ ଦିନରେ ପର୍ବ ବା ଜନ୍ତାଳ କରିଥାନ୍ତି । କିନ୍ତୁ ସେହି ପୀଠରେ ଦେବୀଙ୍କର ଆଶ୍ୱିନ ଶୁକ୍ଳ ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ତିଥ୍ୟରେ ସ୍ୱତନ୍ତ୍ର ଉତ୍ସବ ବା ପୂଜା ହୁଏ । ବାଣପୁରରେ ଏହି ଶାରଦୀୟ ଦୁର୍ଗୋତ୍ସବ ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିରୁ ଆରମ୍ଭ ହୁଏ ଏବଂ ଏହା ଆଶ୍ୱିନ ଶୁକ୍ଳ ଦଶମୀ (ଦଶହରା) ପର୍ଯ୍ୟନ୍ତ ଚାଲେ । ଏହା ତିନି ସ୍ତରରେ ହୁଏ ଯଥା— ଭିତର ପୂଜା, ବାହାର ପୂଜା ଓ ସନ୍ଧିପୂଜା । ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିରେ ମା' ଭଗବତୀଙ୍କ କାଠି ଠାକୁରାଣୀଙ୍କ ପାଣିତୋଳା ହୁଏ ଓ ସେ ନୌକା ବିହାର କରି ଭଉଣୀ ମା' କାଳିଜାଇଙ୍କୁ ନିମନ୍ତ୍ରଣ କରିବାକୁ ଯାଆନ୍ତି । ମା' ଭଗବତୀ ଏହି ଉତ୍ସବରେ ତାଙ୍କ ଭଉଣୀ କାଳିଜାଇ, ବିରିଜାଇ, ପାଲକାଶୁଣୀ, ସିଦ୍ଧେଶ୍ୱରୀ ବା ସିଦ୍ଧାମ୍ବରୀ ଓ ନାରାୟଣୀଙ୍କୁ ନିମନ୍ତ୍ରଣ କରନ୍ତି । ଏହାପରେ ମା' ଭଗବତୀ କନକଦୁର୍ଗା ମୂର୍ତ୍ତିଙ୍କର ଶୟନ ପର୍ବ ଭାଦ୍ରବ ଶୁକ୍ଳ ଅଷ୍ଟମୀଠାରୁ ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ (ପୃଷ୍ଠା-୬)

# ଛୋଟରେ ବଡ଼



**ଧର୍ମେନ୍ଦ୍ର ପ୍ରଧାନ**
ମନ୍ତ୍ରୀ, ଶିକ୍ଷା ମନ୍ତ୍ରଣାଳୟ,
ଭାରତ ସରକାର

"କ୍ଷୁଦ୍ର ଯହିଁ ନିହିତ ତହିଁ ସମ୍ଭାବନା ବହୁ, ସାଧନା ବଳେ ଶକତି ଯୋଗେ ବିକାଶ ଲଭେ ସେହୁ'– ସୁନାମଧନ୍ୟ କବି ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ଏହି ପଙ୍?କ୍ତି ଆଜି ନୂଆ ଭାରତର ଉଦୀୟମାନ ପିଢ଼ି ପାଇଁ ଶତ ପ୍ରତିଶତ ପ୍ରଯୁଜ୍ୟ। ଏହି ନୂଆ ପିଢ଼ି ଆଜି ଦେଶ-କାଳ-ପାତ୍ରର ସୀମା ଭିତରେ ଆବଦ୍ଧ ନ ହୋଇ ନିଜର ସୃଜନୀଶକ୍ତି ଓ ଉଚ୍ଚାଭିଳାଷ ବଳରେ ନିତ୍ୟ ନୂତନ ଉଦାହରଣ ପ୍ରସ୍ତୁତ କରିବାରେ ମଗ୍ନ। ଏଥିଯୋଗୁଁ ବିକାଶ ଓ ପ୍ରଗତିର ପାରମ୍ପରିକ ଅବଧାରଣା ଦିନକୁ ଦିନ ଗୌଣ ହେବାରେ ଲାଗିଛି। ଅର୍ଥାତ୍, ନୂଆ ନୂଆ ଉଦ୍ୟୋଗ ପ୍ରତିଷ୍ଠା ଓ ଅଭିବୃଦ୍ଧି ହାସଲ ପାଇଁ ବଡ଼ ବଡ଼ ସହରାଞ୍ଚଳ ଯେ ଏକମାତ୍ର ବିକଳ୍ପ- ଏ ଧାରଣା ଏଣିକି ଭୁଲ୍ ପ୍ରମାଣିତ ହେବାରେ ଲାଗିଛି। ଦେଶର ମହାନଗରୀଗୁଡ଼ିକର ମନୋପଲିକୁ ଚ୍ୟାଲେଞ୍ଜ କରି ଅପେକ୍ଷାକୃତ ଛୋଟ ସହର ଓ ଗ୍ରାମାଞ୍ଚଳଗୁଡ଼ିକ ଧୀରେ ଧୀରେ ମୁଣ୍ଡ ଟେକିବା ଆରମ୍ଭ କରିଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଗ୍ରାମମୁଖୀ ଦୃଷ୍ଟିଭଙ୍ଗୀ ଓ 'ଗାଁକୁ ଚାଲ' ଡାକରା କୋଟି କୋଟି ଭାରତୀୟଙ୍କୁ ଦିନେ ଉଦ୍?ବୁଦ୍ଧ କରିଥିଲା, ସ୍ୱାବଲମ୍ବୀ କରିଥିଲା ଏବଂ ଦେଶକୁ ସ୍ୱାଧୀନତାର ମହାର୍ଘ ଅବସର ବି ଆଣିଦେଇଥିଲା। ଏ ଭିତରେ ସ୍ୱାଧୀନତାକୁ ସାଢ଼େ ସାତ ଦଶନ୍ଧିରୁ ଅଧିକ କାଳ ବିତିସାରିଛି ଏବଂ ଆମ ଦେଶ ଏବେ ପୁଣି ଥରେ ଗାଁମୁହାଁ ହୋଇଛି। ସୁଖର କଥା, ଜାତୀୟତାର ଅନୁସନ୍ଧିତ୍ସା ଆଜି ଆମକୁ ସ୍ଥାନୀୟତା ଆଡ଼କୁ ଆକୃଷ୍ଟ କରିବାରେ ଲାଗିଛି । ଏଇ କିଛି ଦିନ ତଳେ ମୁଁ ତାମିଲନାଡୁର ତେନକାଶୀ ନାମକ ଏକ ଛୋଟିଆ ଅଥଚ ସୁନ୍ଦର ସହର ବୁଲି ଯାଇଥିଲି। ପଶ୍ଚିମଘାଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ ଏହି ମନ୍ଦିରମାଳିନୀ ଜନବସତିର ସମ୍ବନ୍ଧ କାହିଁ କେଉଁ କାଳରୁ ରହିଆସିଛି ପବିତ୍ର କାଶୀ ଧାମ ସହିତ କାଶୀ ବିଶ୍ୱନାଥ ମନ୍ଦିର ପରି ଏଠାରେ ବିଦ୍ୟମାନ କାଶୀ ବିଶ୍ୱନ୍ଧର ଶୈବାଳୟ। ତେବେ ତେନକାଶୀ ସହର ଯେଉଁପରି ଭାବରେ ନିଜର ଆଧାତ୍ମିକ ପରିଚୟକୁ ବଜାୟ ରଖି ନବସୃଜନ ଓ ପ୍ରଯୁକ୍ତିକୁ ଆପଣାଇ ପାରିଛି, ତାହା ହିଁ ମୋତେ ସବୁଠାରୁ ବେଶୀ ଅଭିଭୂତ କରିଥିଲା । ତେନକାଶୀ ଅଧୀନସ୍ଥ ମଦଳମପରାଇ ଗ୍ରାମରେ ସ୍ଥାପିତ ଟେକ୍ ସଂସ୍ଥା 'ଜୋହୋ' ମୋ ଦୃଷ୍ଟିକୁ ଆସିଥିଲା। ଟେକ୍ ବା ପ୍ରଯୁକ୍ତିର ବିକେନ୍ଦ୍ରୀକରଣ ଦିଗରେ 'ଜୋହୋ'ର ପ୍ରତିଷ୍ଠାତା ଶ୍ରୀଧର ବେମ୍ବୁଙ୍କ କାର୍ଯ୍ୟଶୈଳୀ ମୋତେ ବେଶ୍ ପ୍ରଭାବିତ କରିଥିଲା। ବିଖ୍ୟାତ- ଦିଲ୍ଲୀ ଅର୍ଥାତ୍ ମହାନଗରବାଦୀ ଚିନ୍ତାଧାରାରୁ ମୁକୁଳି ଅଖ୍ୟାତ ପଲ୍ଲୀର ଉତ୍ଥାନ ପାଇଁ ସମର୍ପିତ ଏହି ସଂସ୍ଥା ଦେଶର ଅଗଣିତ ଯୁବ ଉଦ୍ୟୋଗୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଆବଶ୍ୟକ। କେବଳ ଏହି ଗୋଟିଏ ସଂସ୍ଥା ଯୋଗୁଁ ତେନକାଶୀ ପରି ଏକ ସ୍ୱଳ୍ପ ପରିଚିତ ସହର ଆଗାମୀ ଦିନରେ ଦେଶର ଏକ ଈପ୍?ସିତ ବ୍ୟାବସାୟିକ ପେଣ୍ଠରେ ପରିଣତ ହେବାକୁ ଯାଉଛି। ପ୍ରାଚୀନତା ସଙ୍ଗେ ନୂତନତ୍ୱର କିପରି ସମନ୍ୱୟ ରଖିହୁଏ, ତାହାର ଉଦାହରଣ ହେଉଛି ଏହି ସଂସ୍ଥା। ଆଧୁନିକ ଜୀବନର ଗତାନୁଗତିକତା ବା ସହରୀମନସ୍କତାରୁ ବାହାରି ବାସ୍ତବ ବିକାଶ ବା ପ୍ରଗତିର ଛବିକୁ ନୂଆ କରି ଆଙ୍କିବା ପାଇଁ ଏହା ଆମ ସଭିଙ୍କୁ ଯେମିତି ବାଧ୍ୟ କରୁଛି।

ତେନକାଶୀ ଉପକଣ୍ଠରେ ତରୁବଇ ସ୍ଥିତ 'ଜୋହୋ'ର ନୂତନ କ୍ୟାମ୍ପସ ଯେ କେବଳ ଏକ ସ୍ମାର୍ଟ ଟେକ୍ ସଲ୍ୟୁସନ୍ ତା' ନୁହେଁ, ଏହାର ପରିସରରେ ଥିବା ଜୋହୋ ସ୍କୁଲ ଅଫ୍ ଲର୍ଣ୍ଣିଂ ଆଖପାଖ ଗାଁଗୁଡ଼ିକର ଯୁବକଯୁବତୀମାନଙ୍କୁ ଦକ୍ଷତା ପ୍ରଶିକ୍ଷଣ, ପେଡ୍ ଇଣ୍ଟର୍ନସିପ୍, ଟେକ୍ ପ୍ରଶିକ୍ଷଣ ସାଙ୍ଗକୁ ଅଧ୍ୟୟନ ବେଳେ ଉପାର୍ଜନର ସୁଯୋଗ ଆଣିଦେଇଛି। ଏହିପରି ଆଉ ଏକ ଉଦାହରଣ ହେଉଛି ଗୋବିନ୍ଦପେରି ଗ୍ରାମରେ ଥିବା କଳଇବାଣୀ କଲବୀ ମୟମ୍ ଶିକ୍ଷାନୁଷ୍ଠାନ। ଆଖପାଖରେ ଥିବା ଗାଁଗୁଡ଼ିକର ଶିଶୁମାନଙ୍କୁ ଏଠାରେ ମାଗଣାରେ ଶିକ୍ଷାଦାନ କରାଯାଉଛି । ସବୁଠୁ ନିଆରା କଥାଟି ହେଲା, ଏଠାରେ ଅଧ୍ୟୟନ କରୁଥିବା ଶିଶୁମାନଙ୍କର ଖିଆପିଆ କଥା ସେମାନଙ୍କ ମାଆମାନେ ହିଁ ବୁଝୁଛନ୍ତି। ଏହି ମାଆମାନେ ଏଠାରେ ରେଷେଇବାସ ଓ ବାଡ଼ିବଗିଚା କାମରେ ନିୟୋଜିତ ରହି ଗୋଟିଏ କୁଟୁମ୍ବ ଭଳି ଚଳୁଛନ୍ତି। ସ୍କୁଲ ଭିତରେ ଏତାଦୃଶ ପାରିବାରିକ ଭାବବନ୍ଧନ ଶିଶୁମାନଙ୍କୁ ପଢ଼ିବା ଓ ବଢ଼ିବାରେ ବେଶ୍ ସହାୟକ ହେଉଛି। 'ଜୋହୋ'ର ଆଉ ଏକ ଅବଦାନ ହେଉଛି ମେକାଟ୍ରୋନିକ୍ସ ଷ୍ଟାର୍ଟ-ଅପ୍ 'କାରୁବୀ' ଯାହା ସ୍ଥାନୀୟ ସମ୍ବଳର ଉପଯୋଗକୁ ଅଗ୍ରାଧିକାର ଦେଇ ଉଚ୍ଚମାନର ଇଣ୍ଡଷ୍ଟ୍ରିଆଲ ପାୱାର ଟୁଲ୍ ? ଉତ୍ପାଦନ କରୁଅଛି । ଦକ୍ଷ ସ୍ଥାନୀୟ ଯୁବା ହିଁ ଏହି ଉତ୍ପାଦନ କେନ୍ଦ୍ରର ଇଞ୍ଜିନିଅର ଭାବେ କାର୍ଯ୍ୟ କରୁଛନ୍ତି, ଯାହାଦ୍ୱାରା ଏହି ଷ୍ଟାର୍ଟ-ଅପ୍ ଆଜି ଏକ ଗ୍ରାମାଞ୍ଚଳ ବିପ୍ଳବ ବା ରୁରାଲ୍ ରିଭୋଲ୍ୟୁସନରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ବିପ୍ଳବ ଦିନେ ନା ଦିନେ ଗ୍ରାମ୍ୟ ଜୀବନରୁ ଦାରିଦ୍ର୍ୟ ଓ ଦେଶାନ୍ତରଣର ମୂଳୋତ୍ପାଟନ କରିବ, ଏ ବିଶ୍ୱାସ ମୋର ରହିଛି। ବେଙ୍ଗାଲୁରୁ ଅବା ସାନ୍ ଫ୍ରାନ୍ସିସ୍କୋର କାଚ କାନ୍ଥ ଘେରା ସମ୍ଭ୍ରାନ୍ତ ଜୀବନ ଠାରୁ ଅନେକ ଦୂରରେ, ତେନକାଶୀର ଶାନ୍ତ ପରିବେଶ ଓ ସରଳ ନିରାଡ଼ମ୍ବର ଜୀବନଶୈଳୀ ଭିତରେ କିନ୍ତୁ ପଦ୍ମଶ୍ରୀ ଶ୍ରୀଧର ବେମ୍ବୁଙ୍କ ଦୂରଦୃଷ୍ଟି ମୋତେ ବେଶ୍ ଶାଣିତ ଓ ତୀକ୍ଷଣ ମନେ ହେଉଥିଲା। ସେ ଯେମିତି ପ୍ରମାଣ କରିଦେଇଛନ୍ତି ଯେ ବିଶ୍ୱ ସ୍ତରର ଇନୋଭେସନ ଗ୍ରାମୀଣ ଭାରତରେ ବି ସମ୍ଭବ ହୋଇପାରେ। କେବଳ ଗ୍ରାମାଞ୍ଚଳ ନୁହେଁ, ଟିଅର-୨ ଓ ଟିଅର- ୩ ସହରର ଲୁକ୍କାୟିତ ପ୍ରତିଭା, ଯାହାଙ୍କୁ ମୁଖ୍ୟସ୍ରୋତର ଆଇଟି କମ୍ପାନିମାନେ ଅଣଦେଖା କରିଆସିଛନ୍ତି, ସେମାନଙ୍କୁ ଚିହ୍ନଟ କରି ଆଗକୁ ଆଣିବାର ଗୁରୁଦାୟିତ୍ୱ ମଧ୍ୟ ନେଇଛନ୍ତି ବେମ୍ବୁ ମହାଶୟ । ବେମ୍ବୁଙ୍କର ଏହି ମିସନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ତଥା ବିକଶିତ ଭାରତର ଦୂରଦୃଷ୍ଟି ଉପରେ ଆଧାରିତ । ସ୍ୱଦେଶୀ ଜ୍ଞାନକୌଶଳ ଓ ନବସୃଜନକୁ ପ୍ରୋତ୍ସାହନ ସାଙ୍ଗକୁ ବିକାଶ ଓ ଅଭିବୃଦ୍ଧିର ବିକେନ୍ଦ୍ରୀକରଣ ହିଁ ମୋଦୀଙ୍କ ବିଚାର ଓ କାର୍ଯ୍ୟଶୈଳୀର ବିଶେଷତ୍ୱ। ଶ୍ରୀଧର ବେମ୍ବୁ ଗ୍ରାମାଞ୍ଚଳର ପ୍ରତିଭାକୁ ଲୋକଲୋଚନକୁ ଆଣି ତଥା ମହାନଗରୀର ପରିସୀମା ବାହାରେ ଜ୍ଞାନ-କେନ୍ଦ୍ର ବା ନଲେଜ ହବ୍ ପ୍ରତିଷ୍ଠା କରି ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଓ ପରିକଳ୍ପନାକୁ ବାସ୍ତବତାର ସ୍ପର୍ଶ ଦେଉଛନ୍ତି। ଆମ ଗାଁଗଣ୍ଡା ଏଣିକି ପ୍ରତିଭା ବିସର୍ଜନ ପାଇଁ ନୁହେଁ ବରଂ ପ୍ରତିଭାସମ୍ପନ୍ନତା ପାଇଁ ଚର୍ଚ୍ଚିତ ହେବେ, ଏ କଥାକୁ ସୁନିଶ୍ଚିତ କରିବାରେ ମଧ୍ୟ ସେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ବେମ୍ବୁଙ୍କ ଅଭୀପ୍?ସା ରାଷ୍ଟ୍ର ନିର୍ମାଣର ପରିଧିକୁ ଅତିକ୍ରମ କରିସାରିଛି ଏବଂ 'ଜୋହୋ' ଏବେ ଆନ୍ତର୍ଜାତିକ ଆଇଟି ଜାଏଣ୍ଟଗୁଡ଼ିକୁ ଚ୍ୟାଲେଞ୍ଜ କରିବା ଆରମ୍ଭ (ପୃଷ୍ଠା-୬)

---

**ସ୍ୱା**ର୍ଥଃ ପ୍ରବସତୋ ମିତ୍ରମ୍ ଭାର୍ଯ୍ୟା ମିତ୍ରମ୍ ଗୃହେ ସତଃ।
ଆତୁରସ୍ୟ ଭିଷଣ୍ଡମ୍ ମିତ୍ରମ୍ ଦାନମ୍ ମିତ୍ର ମରିଷ୍ୟତଃ।।

ଶ୍ଳୋକଟିର ଅର୍ଥ - ବିଦେଶରେ ଥିବା ବ୍ୟକ୍ତିର ଅର୍ଥ ହିଁ ମିତ୍ର ଓ ଗୃହରେ ପତ୍ନୀ ମିତ୍ର ହୋଇଥାଏ। ରୋଗୀର ମିତ୍ର ଔଷଧ ଓ ମୃତ୍ୟୁବରଣ କରିବାକୁ ଯାଉଥିବା ଲୋକର ମିତ୍ର ହେଉଛି ତା ଦ୍ୱାରା ଦିଆଯାଇଥିବା ଦାନ। ତେଣୁ ଏହି ମରଣଶୀଳ ଶରୀରଧାରୀ ମନୁଷ୍ୟ ମାନଙ୍କ ପାଇଁ ଦାନ ହିଁ ବାସ୍ତବ ମିତ୍ର ହୋଇଥାଏ। ଏହି ଶ୍ଳୋକକୁ ପାଥେୟ କରି ଏକ କାହାଣୀଟିଏ ଜଣେ ଧନୀ ବ୍ୟକ୍ତିଙ୍କ ବିଷୟରେ । ଦିନେ ଜଣେ କୃପଣ ଧନୀ ବ୍ୟକ୍ତି ଗୋଟିଏ ଜଙ୍ଗଲ ରାସ୍ତା ମଧ୍ୟଦେଇ ଯାତ୍ରା କରିବା ସମୟରେ ଘଟଣାକ୍ରମେ ଗୋଟିଏ କୂଅ ଭିତରେ ଖସି ପଡ଼ିଲେ । ତାଙ୍କର ମୃତ୍ୟୁ ସୁନିଶ୍ଚିତ ଜାଣି ଭୟଭୀତ ହୋଇ ସେ ସାହାଯ୍ୟ ପାଇଁ ବିକଳରେ କ୍ରନ୍ଦନ କରିବାକୁ ଲାଗିଲେ । ସୌଭାଗ୍ୟବଶତଃ ଜଣେ ବାଟୋଇ ସେହି ରାସ୍ତାରେ ଯାଉଥିବାବେଳେ କ୍ରନ୍ଦନ ଶୁଣି ତାଙ୍କୁ ବାହାରକୁ ଆଣିବାକୁ ଚେଷ୍ଟା କଲେ । କୂଅ ନିକଟକୁ ଯାଇ ଭିତରକୁ ହାତ ବଢ଼ାଇ ସେ କହିଲେ, –" ମହାଶୟ ! ଆପଣଙ୍କ ହାତ ମୋତେ ଦିଅନ୍ତୁ । ତା'ହେଲେ ମୁଁ ଆପଣଙ୍କ ହାତ ଟାଣି ଆପଣଙ୍କୁ ବାହାରକୁ ଉଠାଇ ଆଣିବି ।" କୃପଣ ବ୍ୟକ୍ତି ଜଣକ ଯେମିତି 'ଦିଅନ୍ତୁ' ଶବ୍ଦଟି ଶୁଣିଲେ, ତତ୍କ୍ଷଣାତ୍ ସେ ନିଜ ହାତ ଭିତରକୁ ଫେରାଇ ନେଲେ । ବାରମ୍ବାର ଏପରି ଘଟୁଥାଏ । ବହୁବାର ବିଫଳ ହେବାପରେ ତାଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିବା ବ୍ୟକ୍ତି ଜଣକ ସମସ୍ୟା ବିଷୟରେ ଚିନ୍ତାକରି ଅସୁବିଧାର ସୂତ୍ରଟିଏ ପାଇବାକୁ ସକ୍ଷମ ହେଲେ ଏବଂ କହିଲେ, – " ମହାଶୟ ! ଆପଣ ମୋ ହାତ 'ନିଅନ୍ତୁ' ଓ ଏହା ଧରି ଉପରକୁ ଉଠି ଆସନ୍ତୁ" । 'ଦିଅନ୍ତୁ' ପରିବର୍ତ୍ତେ 'ନିଅନ୍ତୁ' ଶବ୍ଦଟି ଶୁଣିବା ପରେ କୃପଣ ବ୍ୟକ୍ତିଜଣକ ଶୀଘ୍ର ହାତ ବଢ଼ାଇ ଉପରକୁ ଉଠି ଆସିବାରୁ ତାଙ୍କ ଜୀବନ ରକ୍ଷା ହୋଇଗଲା । ମର୍ମବାଣୀ : ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କି ମୃତ୍ୟୁକୁ ସମ୍ମୁଖରେ ଦେଖି ମଧ୍ୟ କାହାକୁ କିଛି ଦାନ କରିବାକୁ ଚାହାନ୍ତି ନାହିଁ । ଯେଉଁ ହାତ ଦିଏ, ସେ ସର୍ବଦା ନେଉଥିବା ହାତର ଊର୍ଦ୍ଧ୍ୱରେ ରହେ । ତେଣୁ ଦେବାକୁ ଭୟ କରିବା ନାହିଁ । ଯେଉଁମାନେ ଦିଅନ୍ତି ସେଇମାନେ ହିଁ ପାଆନ୍ତି । ସମସ୍ତଙ୍କୁ ତୁମେ ପ୍ରେମ ବିତରଣ କର ତୁମ ହୃଦୟ ପ୍ରେମପୂର୍ଣ୍ଣ ହୋଇ ଉଠିବ । ପ୍ରେମ ଦିଏ ଏବଂ କ୍ଷମା କରେ । ସ୍ୱାର୍ଥପରତା ପାଏ ଏବଂ ଭୁଲିଯାଏ ।।

## ନୀତିଶିକ୍ଷା
# ଦେବା ଓ ନେବା



**ଭବତୋଷ ତ୍ରିପାଠୀ**

*ପାର୍ବତୀପୁର, ପୁରୀ*
*ମୋ - ୯୦୯୦୧୭୨୧୬୭*

---

## ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
ଶ୍ରୀ ଲୋକନାଥ ରୋଡ଼, ହାତୀଶାଳ,
ପୁରୀ-୭୯୭୮୪୬୪୬୩୯



**ମେଷ ରାଶି-** ଏହି ମାସଟି ଆପଣଙ୍କର ମିଶ୍ରିତ ଫଳଦାୟକ ରହିବ.ଦେହ ପ୍ରାୟତଃ ସୁସ୍ଥ ରହିବ.ଆୟ ବ୍ୟୟ ମୁଖ୍ୟତଃ ଭାବେ ସମାନ ରହିବ.ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେଇପାରେ. ବ୍ୟବସାୟରେ ଅଳ୍ପ ଲାଭ. ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**ବୃଷ ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିଛି. ଦେହ ସାମାନ୍ୟ ଅସୁସ୍ଥ ହୋଇପାରେ. ଆୟ ଉତ୍ତମ ହୋଇପାରେ. ପାରିବାରିକ ଜୀବନ ସୁଖମୟ ରହିବ. ବ୍ୟବସାୟରେ ଲାଭ କ୍ଷତି ସମାନ ରହିଛି. ବିଦ୍ୟାର୍ଥୀମାନେ ପଢ଼ାରେ ଉତ୍ସାହିତ ହେବେ ।

**ମିଥୁନ ରାଶି -** ମାସଟି ସେତେ ଶୁଭଦାୟକ ନୁହେଁ । ମନ ଭଲ ରହିପାରେ. ଆୟଠାରୁ ବ୍ୟୟ ଅଧିକ ହୋଇପାରେ.ପାରିବାରିକ ଜୀବନରେ କିଛି ସମସ୍ୟା ଦେଖାଦେଇପାରେ. ବ୍ୟବସାୟରେ କ୍ଷତିର ସମ୍ଭାବନା. ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିବେ।

**କର୍କଟ ରାଶି -**ଏହି ମାସଟି ଆପଣଙ୍କର ଶୁଭଦାୟକ ନୁହେଁ.ଦେହ ଓ ମନ ସାଧାରଣତଃ ଭଲ ରହିବ. ଆୟ ସେତେ ଭଲ ହେବନାହିଁ. ପାରିବାରିକ ଜୀବନରେ ସାମାନ୍ୟ ଅଶାନ୍ତି ହୋଇପାରେ.ବ୍ୟବସାୟରେ ସାମାନ୍ୟ ଲାଭ ରହିଛି. ବିଦ୍ୟାର୍ଥୀମାନେ ପଢ଼ାପ୍ରତି ଧ୍ୟାନଦେବେ ନାହିଁ ।

**ସିଂହ ରାଶି -** ଏହି ମାସଟି ଆପଣଙ୍କର ଅସ୍ଥିରତାରେ କଟିପାରେ.ସାମାନ୍ୟ ଦେହ ପୀଡା ହୋଇପାରେ. ଆୟ ଉତ୍ତମ ଧରଣର ରହିଛି.ପାରିବାରିକ ଜୀବନ ଆନନ୍ଦଦାୟକ ରହିଛି. ବ୍ୟବସାୟରେ ଅଳ୍ପ ଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ମନଯୋଗ ଦେବେ।

**କନ୍ୟା ରାଶି -** ଏହି ମାସଟି ଆପଣଙ୍କର ସେତେ ଭଲ ନାହିଁ.ଦେହ ଭଲ ନରହିପାରେ.ଆୟ ସାଧାରଣତଃ ଭଲ ହେବ । ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେଇପାରେ.ବ୍ୟବସାୟରେ ଲାଭ କମ ପରିମାଣରେ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ଅନାଗ୍ରହୀ ହୋଇପାରନ୍ତି ।

**ତୁଳା ରାଶି -** ଏହି ମାସଟି ଆପଣଙ୍କର ସେତେ ଶୁଭ ନୁହେଁ । ଦେହ ଓ ମନ ପ୍ରାୟ ଭଲ ରହିବ. ଆୟ ଅପେକ୍ଷା ବ୍ୟୟ ଅଧିକ ରହିବ । ପାରିବାରିକ ଜୀବନରେ ସାମାନ୍ୟ ଅଶାନ୍ତି ଦେଖାଦେଇପାରେ. ବ୍ୟବସାୟରେ କ୍ଷତି ହୋଇପାରେ । ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ ।

**ବିଛା ରାଶି -** ଏହି ମାସଟି ଆପଣଙ୍କର ଅତ୍ୟନ୍ତ ଭଲରେ ଯିବ । ଦେହ ଏବଂ ମନ ଭଲ ରହିବ.ଆୟ ଅତ୍ୟନ୍ତ ଭଲ ରହିଛି । ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ । ବ୍ୟବସାୟ ଉନ୍ନତ ହେବ.ବିଦ୍ୟାର୍ଥୀମାନେ ପଢ଼ାରେ ସେତେ ସଠିକ ଭାବେ ମନଯୋଗ ଦେବେନାହିଁ ।

**ଧନୁ ରାଶି -ଏହି ମାସଟି ଆପଣଙ୍କର ଉତ୍ତମ ରହିଛି.ଦେହ ସାଧାରଣତଃ ସୁସ୍ଥ ରହିବ.ଆୟ ମଧ୍ୟମ ଧରଣର ରହିଛି.ପାରିବାରିକ ଜୀବନରେ ଖୁସି ତଥା ଆନନ୍ଦ ରହିବେ.ବ୍ୟବସାୟରେ ଭଲ ଲାଭ ହେବ. ବିଦ୍ୟାର୍ଥୀମାନେ ପଢ଼ାରେ ଧ୍ୟାନ ଦେବେ ଓ ଉତ୍ତମ ଫଳ ପାଇବେ ।**

**ମକର ରାଶି -** ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିଛି.ଦେହ ଓ ମନ ସାଧାରଣତଃ ଭଲ ରହିବ.ଆୟ ଉତ୍ତମ ଧରଣର ରହିଛି. ପାରିବାରିକ ଜୀବନ ଆନନ୍ଦଦାୟକ ରହିବ. ବ୍ୟବସାୟରେ ଭଲ ତଥା ଉତ୍ତମ ଲାଭ ହେବ. ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ଆଗେଇବେ।

**କୁମ୍ଭ ରାଶି -** ମାସଟି ଆପଣଙ୍କର ସେତେ ଶୁଭଦାୟକ ନୁହେଁ.ଦେହ ଓ ମନ ପ୍ରାୟ ଭଲ ରହିବନାହିଁ.ଆୟ ଅଳ୍ପ ପରିମାଣରେ ହେବ.ପାରିବାରିକ ଜୀବନରେ ଅଶାନ୍ତିପୂର୍ଣ୍ଣ ରହିବ. ବ୍ୟବସାୟ ରେ ଲାଭ ହେବନାହିଁ. ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିପାରନ୍ତି ।

**ମୀନ ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିଛି.ଦେହ ଏବଂ ମନ ଭଲ ନରହିପାରେ.ଆୟ ସେତେ ଭଲ ହେବ ନାହିଁ.ପାରିବାରିକ ଜୀବନ ବିବାଦପୂର୍ଣ୍ଣ ରହିପାରେ. ବ୍ୟବସାୟରେ ସାମାନ୍ୟ ଲାଭ ରହିଛି. ବିଦ୍ୟାର୍ଥୀମାନେ ପଢାପଢି ପ୍ରତି ଆଗ୍ରହ ହାନି ହୋଇପାରେ.

# A Rational Perspective of Durga Puja

**Dr. Dibakar Mishra**

The celebration of Durga Puja has rooted itself so deep in the minds of our people that the question of narrating the theme to any body will not be a new thing. However this celebration has a scientific message for the people to lead a smooth and happy life sans (without) communalism, separatism and non-cooperation. The theme as it has been taken from Durga Saptasati is furnished below. Mahisasura, the king of demons attacked Heaven. He violently fought with Indra, the king of gods, and sacked him away from his throne. King Indra along with other gods ran to Brahma, the most aged and learned god of the universe. They all prayed him to tell the reason of their defeat, and to find out a clue for killing Mahisasura, the demon king. The other two Gods Vishnu and Shiva, who were in the sides of Brahma got angry very much and their anger gave birth to Durga. All the gods donated their weapons to Goddess Durga and prayed to kill the demon king. Mahisasura violently fought with goddess Durga in guise of a bubbalo initially. But being unable to withstand the severe attack from Goddess Durga, he was forced to come out of the buffalo body into his real self. Goddess Durga immediately killed him by penetrating Trisul into his chest. This picture of Goddess durga, riding on the back of a lion and killing the demon by penetrating a Trisul most violently into the chest of Mahisasura's demon body after recasting himself from the bubbalo guise is worshipped by us as Mahisamardini. The Goddess is seen accompained by other gods like Ganapati, Kartikeya, Goddesses Laxmi and Saraswati. The latent meaning of this mythological story and the reason of four other deities worshipped with Goddess Durga is actually not understood by the general mass. As a result, neither the worshippers nor the society or the nation is actually benefitted with this worshipping and the rituals associated with it. These rituals however stand for unity and strengthening the nation by curbing communalism, separatism and noncooperation from the minds of the common mass and to develop a positive attitude towards like. To inspire and envigorate the mass the



internal meaning of this story has been modified here. In the fearful battle with Mahisasura, Indra, the king of the heaven was defeated and he was sacked away from his throne. The other gods were also tortured by him. Atlast they all ran to Brahma for help. They all prayed him to enlighten them about the cause of their defeat and to disclose the clue for killing the demon. Brahma told the gods that their defeat was due to lack of unity among them. Neither the gods of different sects and their followers had participated in the battle nor the general mass were properly informed about the battle. On the contrary all the communal leaders of Giants' empire such as, Sumbha, Nishumbha, Raktavirja, Chanda, Munda and Dhumralochan alongwith their soldiers had helped Mahisasura. Unless there is proper unity and cooperation in the Kingdom, no king can ever win a battle. In the last battle the forces of Vaishnav community (Vishnu Shakti) had not been utilised, who could have fought with Chakras. The Shaiva community (Shiva Sakti) specialised to fight with Shula, Trisul and Pasupata had not been utilised. Similarly, Shakta community specialised in fighting with khadga, ganapatya with Pasa and Ankusha, Saraswata with war music had not been participated in the battle. So if all of these gods could be united together, then undoubtedly they can win the battle. The clue of killing the demons was disclosed by him like this. The forces of King Indra had mainly depended upon their electrically charged (Tadit-bahita) weapon 'Bajra' which had got no action on the bodies of demons as they had wrapped their bodies with the dresses made out of buffalo's skin. The dense black hairs of buffalo being a nonconductor of electricity, Bajra cannot harm the bodies of the giants guarded by the later. Had the different forces of Heaven faught unitedly with the weapons like Chakra, Sayak, Khadga, Ankush, Trisul they could have successfully destroyed the shield of buffalo skin of the demons. This could have undoubtedly compelled the demons to come out of their shield and fight in their real self. Then Bajra is the most powerful weapon that can act in the blink of eye. Being enlightened with this winning instructions the gods jumped at their feet with loud slogans and were united together to form a combined force called 'Durga' which could easily destroy the numerous 'Durgas' (castles) of enemies in a moment. "Durgam Nihanti Ya Nitya Sa Durga Parikirtita" that is : - She is 'Durga' who destroys durga (castle) daily. After unification the forces of Vishnu, Shiva, Shakti,Ganapati, Surya, Kuver, Vayu, Agni with their weapons Chakra, Sula, Trisul, Pasupat, Krupana, Pasa, Ankusha, Rashmi Jala, Agnisara and trained animals like lions, elephants, horses and snakes became ready to fight. Ganapati, the leader of ganas (general public) created alertness amongst people and provided them the knowledge of battle. Young Kartikeya became the Commander-in-Chief. Laxmi financed the battle and Saraswati inspired all the soldiers by playing string instrument Veena *(Continuation P6)*



ପବିତ୍ର ଦଶହରାରେ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ଜଗତଜନନୀ ମା'ଦୁର୍ଗାଙ୍କ ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଧାୟକ ବାବୁ ସିଂହ ।



ଜହ୍ନିଖାଇ ଠାକୁରାଣୀ ସମିତି ପକ୍ଷରୁ ଆୟୋଜିତ ଭଜନ ସମାରୋହରେ ଅତିଥି ଭାବେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



ପୂର୍ବତନ ବିଧାୟକ ସ୍ୱର୍ଗତଃ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଭଦ୍ରକର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । । ଭଦ୍ରକରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ ମନ୍ତ୍ରୀ, ବିଧାୟକ ଓ ସାଂସଦଗଣ ଏବଂ ଅନେକ ବରେଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏଥିରେ ତାଙ୍କ ସୁପୁତ୍ର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିଲେ ।



ବଡ଼ଶଙ୍ଖ ଦୁର୍ଗା ପୂଜା କମିଟି ପକ୍ଷରୁ ଆୟୋଜିତ ୫୧ତମ ଦୁର୍ଗାପୂଜା ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ ।




ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପୁରୀ ଷ୍ଟେସନ ଠାରେ ପୁରୀ ଜିଲ୍ଲା ଅଟୋ ଚାଳକ ମହାସଙ୍ଘ ଓ ପୁରୀ ଷ୍ଟେସନ ଅଟୋଚାଳକ ସଂଘର ୨୫ତମ ମା ଗଜଲକ୍ଷ୍ମୀ ପୂଜା ବାର୍ଷିକ ମହୋତ୍ସବ ଓ ରୌପ୍ୟ ଜୟନ୍ତୀରେ ଆମନ୍ତ୍ରିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଅଟୋ ଚାଳକ ଭାଇ ମାନଙ୍କୁ ସମ୍ମାନିତ କରିଛନ୍ତି ।

## ଶ୍ରୀଜଗନ୍ନାଥ ମନ୍ଦିରର ଐତିହ୍ୟ ସୁରକ୍ଷିତ ପାଇଁ ଉଦ୍ୟମ ଜାରୀ ରହିବ: ମନ୍ତ୍ରୀ

**ଭୁବନେଶ୍ୱର:** ଭକ୍ତ ଏବଂ ଗବେଷକମାନଙ୍କୁ ଡିଜିଟାଲ ସୁବିଧା ପ୍ରଦାନ କରିବା ସହିତ ବିରଳ ମନ୍ଦିର ରେକର୍ଡ, ରୀତିନୀତି, ପବିତ୍ର ମାଦଳା ପାଞ୍ଜି, ତାଳପତ୍ର ପାଣ୍ଡୁଲିପି ଏବଂ ଅନ୍ୟାନ୍ୟକୁ ସଂରକ୍ଷଣ କରିବା ପାଇଁ ରାଜ୍ୟ ସରକାର ପୁରୀରେ ଏକ ଡିଜିଟାଲ ଲାଇବ୍ରେରି ସ୍ଥାପନ କରାଯିବ । ଏହା ମାଧ୍ୟମରେ ଶ୍ରୀଜଗନ୍ନାଥ ମନ୍ଦିରର କାଳଜୟୀ ଐତିହ୍ୟକୁ ସୁରକ୍ଷିତ ରଖାଯାଇପାରିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହା ମାଧ୍ୟମରେ ଶ୍ରୀଜଗନ୍ନାଥ ମନ୍ଦିରର କାଳଜୟୀ ଐତିହ୍ୟକୁ ସୁରକ୍ଷିତ ରଖାଯାଇପାରିବ ।



## ପୂର୍ବତଟ ରେଳ ପଥର ମାଲ ପରିବହନରେ ୧୧.୩୩% ଅଭିବୃଦ୍ଧି



**ନୂଆଦିଲ୍ଲୀ:** ପୂର୍ବତଟ ରେଳ ପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର)ରେ ମାଲ ପରିବହନ ଏବଂ ଯାତ୍ରୀ ପରିବହନରେ ଏକ ପ୍ରଭାବଶାଳୀ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ଏପ୍ରିଲ-ସେପ୍ଟେମ୍ବର ୨୦୨୫ ମଧ୍ୟରେ, ପୂର୍ବତଟ ରେଳ ପଥ ଗତ ବର୍ଷ ସମାନ ଅବଧିରେ ୧୨୩.୬ ନିୟୁତ ଟନ ତୁଳନାରେ ୧୩୭.୬ ନିୟୁତ ଟନ ମାଲ ପରିବହନ କରିଛି, ଯାହାକି ୧୧.୩୩% ର ଅଭିବୃଦ୍ଧିକୁ ଦର୍ଶାଉଛି । ପୂର୍ବତଟ ରେଳ ପଥ ସାମଗ୍ରୀ ପରିବହନରୁ ୧୪,୧୬୨.୫୮ କୋଟି ଆୟ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୨,୮୦୮.୩୦ କୋଟି ଥିଲା - ଯାହା ୧୦.୫୭% ବୃଦ୍ଧି ।

## ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଉଦ୍‌ଘାଟନ



**ଭୁବନେଶ୍ୱର:** ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀର ଏକ ଭବ୍ୟ ଉଦଘାଟନ ସମାରୋହରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି, ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ତଥା ଜାତୀୟ ବିଧି ସେବା କର୍ତ୍ତୃପକ୍ଷର ଅଧ୍ୟକ୍ଷ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଭାରତର ଆଟର୍ଣ୍ଣି ଜେନେରାଲ୍ ଆର. ଭେଙ୍କଟରମଣି, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ୍ ହରିଶ ଟଣ୍ଡନ, ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ୍ ମାନସ ରଂଜନ ପାଠକଙ୍କ, ଓଡ଼ିଶାର ମହାଧିବକ୍ତା ପିତାମ୍ବର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ଲୋଗୋ ଉନ୍ମୋଚିତ



**ନୂଆଦିଲ୍ଲୀ:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ତେଲେଙ୍ଗାନା ସ୍ଥିତ ସମ୍ମକ୍କା ସାରକ୍କା କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ଲୋଗୋ ଉନ୍ମୋଚନ କରିଛନ୍ତି । ଲୋଗୋ ଉନ୍ମୋଚନରେ ଶ୍ରୀ ପ୍ରଧାନ କହିଛନ୍ତି ଆଦିବାସୀ ଏବଂ ସଂସ୍କୃତ ତତ୍ତ୍ୱଗୁଡ଼ିକୁ ନେଇ ଲୋଗୋଟି ଡିଜାଇନ ହୋଇଛି । ଉନ୍ମୋଚିତ ନୂତନ ଲୋଗୋ ଶିକ୍ଷାନୁଷ୍ଠାନର ଦୁଇଟି ମୁଖ୍ୟ ଭୂମିକାକୁ ଦର୍ଶାଉଛି । ଗୋଟିଏ ହେଉଛି ଆଦିବାସୀ ପରମ୍ପରା ଏବଂ ଜ୍ଞାନର ସୁରକ୍ଷାକାରୀ ଏବଂ ଅନ୍ୟଟି ହେଉଛି ଶିକ୍ଷାଗତ ଉତ୍କର୍ଷର ଏକ ଆଲୋକସ୍ତମ୍ଭ ଭାବରେ କାର୍ଯ୍ୟ କରିବା ।

## ନଡ଼ା ଉପରେ କୃଷି ଏବଂ ପରିବେଶ ମନ୍ତ୍ରୀଙ୍କ ମିଳିତ ବୈଠକ



**ନୂଆଦିଲ୍ଲୀ:** କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ମଧ୍ୟରେ ମିଳିତ ଭାବେ ନୂଆଦିଲ୍ଲୀର କୃଷି ଭବନରେ ନଡ଼ା ପରିଚାଳନା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପଞ୍ଜାବର କୃଷି ମନ୍ତ୍ରୀ ଗୁରମିତ ସିଂ ଖୁଡିଆନ୍, ହରିୟାଣାର କୃଷି ମନ୍ତ୍ରୀ ଶ୍ୟାମ ସିଂ ରାଣା, ଉତ୍ତର ପ୍ରଦେଶର କୃଷି ମନ୍ତ୍ରୀ ସୂର୍ଯ୍ୟ ପ୍ରତାପ ଶାହୀ ଏବଂ ଦିଲ୍ଲୀର ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିରସା ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ । ଏହି ବୈଠକରେ ନଡ଼ା ପୋଡ଼ିବାରୁ ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ଧାନ ନଡ଼ା ଉନ୍ନତ ଉପଯୋଗ ପାଇଁ ସକ୍ରିୟ ପଦକ୍ଷେପ ନେବା ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ଯେଉଁଥିରେ କୃଷକମାନଙ୍କ ମଧ୍ୟରେ ସଚେତନତା, ଆର୍ଥିକ ସହାୟତା, ପ୍ରଭାବଶାଳୀ ତଦାରଖ, ଫସଲ ପରିଚାଳନା ଏବଂ ବିବିଧତା ଅନ୍ତର୍ଭୁକ୍ତ ଥିଲା ।




ପୁରୀସ୍ଥିତ ସଂସ୍କୃତି ଭବନଠାରେ ଶ୍ରୀଜୀଉ ଫାଉଣ୍ଡେସନ ପରିବାର ଦ୍ୱାରା ମହାତ୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଗାନ୍ଧୀ ସ୍ମୃତି ସମ୍ମାନ ୨୦୨୫ ରେ ସମ୍ମାନିତ ଅତିଥି ଭାବେ ପୁରୀ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିଶ୍ର, ବରିଷ୍ଠ ସମାଜସେବୀ ଚକ୍ରଧର ମହାପାତ୍ର ଓ ଗାନ୍ଧିସ୍ମୃତି ସମ୍ମାନର ସଂପାଦକ ସଂଜୀବ କୁମାର ରଥଶର୍ମା ଯୋଗଦେଇଥିଲେ ।


ODISHA

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨**

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ନିବେଦନ**

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ** ସଂଖ୍ୟା VISC(LEM)Proj-64/24,25/ 15152 ତା 11.9.2025

- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ ।
- ମୂର୍ତ୍ତି ର ଉଚ୍ଚତାକୁ ୨୦ ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ । ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷ ଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ**

- ଜନ ସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ ।
- ଜନ ସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ ।
- ସଂପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ସେଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ synthetic liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟି ମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ ।
- ମୂର୍ତ୍ତି ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal dumpsite କୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ**

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ । ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ କୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀ ରେ ପୋଖରୀ ରେ ନ ଫୋପାଡି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ ।

**ଆଇନ୍ ଓ ଦଣ୍ଡ ବ୍ୟବସ୍ଥା**

**Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021** ଅନୁଯାୟୀ, ମୂର୍ତ୍ତି କାରୀଗର ମାନେ ରୁଲ୍ ୩ ର. ଅବମାନନା କଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷ ଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରି ରୁ ବାସନ୍ଦ ହେବେ । ଏହା ବ୍ୟତୀତ ମୂର୍ତ୍ତି ନିର୍ମାତା ମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ ।

ପୂଜା କମିଟି କର୍ମକର୍ତ୍ତା ମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ ର ଅବମାନନା ହେଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷ ଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା ;
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା ;
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା ।

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା ।**

- ବି.ଦ୍ର : ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ରେ ମିଳିପାରିବ ।
( Weblink : http://ospcboard.org/wp-content/uploads/2022 /02/1741-F-E-Idol-Immersion-Rule-by-Odisha.pdf )

ସଦସ୍ୟ ସଚିବ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଣି ଲଜ୍ଜା: ପଶ୍ଚିମବଙ୍ଗ...

ପାଇଥିଲୁ ଏବଂ ଘଟଣା ବିଷୟରେ ଜାଣିଲୁ। ଆମେ ଆଜି ସକାଳେ ଏଠାକୁ ଆସି ପୋଲିସ ଅଭିଯୋଗ କରିଥିଲୁ। ମୁଁ ଶୁଣିଥିଲି ଯେ କଲେଜ ଭଲ ଶିକ୍ଷା ପ୍ରଦାନ କରେ, ତେଣୁ ଆମେ ଆମ ଝିଅକୁ ଡାକ୍ତରୀ ପାଠପଢ଼ା ପାଇଁ ଏଠାକୁ ପଠାଇଥିଲୁ।

### ଆଇନଜୀବୀ ପୀତବାସ...

ନିର୍ଦ୍ଦେଶ ଦେଇଛନ୍ତି ପୋଲିସ୍ ବିଭାଗକୁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗତକାଲି ସଂଧ୍ୟାରେ ପୋଲିସ୍ ବିଭାଗର ବଡ଼ ଧରଣର ବୈଠକ ହୋଇଥିବା ଜଣାପଡିଛି। ଏହି ବୈଠକକୁ ଡିଏସ୍‌ପି ନେତୃତ୍ୱନେଇଥିବା ଜଣାପଡିଛି। ଖୁବ୍ ଶୀଘ୍ର ଅପରାଧୀଙ୍କୁ ଧରାଯିବ ବୋଲି ଗଣମାଧ୍ୟମକୁ ଡିଏସ୍‌ପି କହିଛନ୍ତି।

### ପଦ୍ମ ଧରିଲେ ଜୟ...

ହୋଇଯିବ ବୋଲି ରାଜନେ?ତିକ ସମୀକ୍ଷକମାନେ ମତ ଦେଉଛନ୍ତି। ତେଣେ ଏହା ବିଜେଡି ଲାଗି ମୁଣ୍ଡବ୍ୟଥାର କାରଣ ବି ହେବ। ସୂଚନାଯୋଗ୍ୟ, ଜୟ ଢୋଲକିଆ ଓ ତାଙ୍କ ପରିବାରର କେତେକ ସଦସ୍ୟଙ୍କର ଗୁଜୁରାଟର ସୁରଟରେ ବ୍ୟବସାୟ ରହିଛି। ଗୁଜୁରାଟରେ ଦୀର୍ଘ ୨୫ ବର୍ଷରୁ ଅଧିକ ସମୟ ହେବ ବିଜେପି ସରକାର ଅଛି। ସେହି ସରକାରଠାରୁ ସେମାନେ ଲାଭ ବି ଉଠାଇଛନ୍ତି। ଏଣୁ ଜୟ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ହେବା ଲାଗି ଅଧିକ ଆଗ୍ରହୀ। ତା'ଛଡ଼ା ରାଜେନ୍ଦ୍ର ଢୋଲକିଆ ପ୍ରଥମେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ପରେ ସ୍ଥାନୀୟ ଆବଶ୍ୟକତାକୁ ଆଖି ଆଗରେ ରଖି କ୍ଷମତାସୀନ ବିଜେଡିରେ ଯୋଗ ଦେଇଥିଲେ। ଏବେ ଓଡ଼ିଶାରେ ବିଜେପି ସରକାର ଅଛି। ଆଉ ଯଦି ଜୟ ବିଜେପିରେ ଯୋଗ ଦେଇ ଟିକେଟ୍ ହାତେଇବାରେ ସଫଳ ହୁଅନ୍ତି, ତେବେ ତାଙ୍କର ବିଜୟ ସହଜସାଧ୍ୟ ହେବ ବୋଲି ତାଙ୍କ ସମର୍ଥକମାନେ ବିଚାର କରୁଛନ୍ତି।।

### ଭାରତରୁ ପାକ୍‌କୁ...

ବିଦାୟ ନେବା ପରେ ତାଲିବାନ କ୍ଷମତାକୁ ଆସିଲା ଏବଂ ପାକିସ୍ତାନ ଆନନ୍ଦିତ ହୋଇଥିଲା। କିନ୍ତୁ ସମୟ ସହିତ ଉଭୟଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯାଇଛି।

### ବିଶ୍ୱସ୍ତରରେ ଭାରତର...

କ୍ଷମତା ଏବଂ ଆତ୍ମନିର୍ଭରଶୀଳତାକୁ ବିଶ୍ୱ ସମ୍ମୁଖରେ ପ୍ରମାଣିତ କରିଛି। **ଅକ୍ଷୟ ଶକ୍ତି:** ଆନ୍ତର୍ଜାତୀୟ ସୌର ସଂଘ (ISA) ଏବଂ ଗ୍ଲୋବାଲ୍ ବାୟୋଫ୍ୟୁଏଲ୍ସ ଆଲାଇନ୍ସ ଭଳି ଅକ୍ଷୟ ଶକ୍ତି ଯୋଜନା ମାଧ୍ୟମରେ ଭାରତ ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା କରିବାରେ ନେତୃତ୍ୱ ନେଉଛି। **ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଇଓ):** ଭାରତ ଦାୟିତ୍ୱପୂର୍ଣ୍ଣ ଇଓ ପାଇଁ ବିଶ୍ୱ ମାନକ ସ୍ଥାପନରେ ସହାୟତା କରୁଛି, ଏବଂ ୨୦୨୪ରେ ପ୍ୟାରିସରେ ଆୟୋଜିତ ଇଓ Action Summitରେ ସହ-ଅଧ୍ୟକ୍ଷତା କରିଛି। **ସଫ୍ଟ ପାୱାର୍ ଏବଂ ସାଂସ୍କୃତିକ ପ୍ରଭାବ- ଯୋଗ ଓ ଆୟୁର୍ବେଦ:** ଯୋଗ, ଆୟୁର୍ବେଦ ଏବଂ ବଲିଉଡ୍ ଭଳି ଭାରତୀୟ ସଂସ୍କୃତିର ପ୍ରଭାବ ବିଶ୍ୱବ୍ୟାପୀ ବୃଦ୍ଧି ପାଇବାରେ ଲାଗିଛି। **ବିଦେଶରେ ଭାରତୀୟ:** ବିଶାଳ ଭାରତୀୟ ଡାୟାସ୍ପୋରା ବିଦେଶରେ ଭାରତୀୟ ସଂସ୍କୃତି, ମୂଲ୍ୟବୋଧ, ଏବଂ ବ୍ୟବସାୟିକ ସ୍ୱାର୍ଥର ପ୍ରସାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। **ସ୍ୱାସ୍ଥ୍ୟ କୂଟନୀତି:** କୋଭିଡ-୧୯ ମହାମାରୀ ସମୟରେ ଭାରତର 'ଭ୍ୟାକ୍ସିନ୍ ମୈତ୍ରୀ' କାର୍ଯ୍ୟକ୍ରମ ପ୍ରାୟ ୧୦୦ଟି ଦେଶକୁ ଟୀକା ଯୋଗାଇ ଦେଇଥିଲା, ଯାହା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶ୍ୱ ଦାୟିତ୍ୱବୋଧର ଏକ ଉଦାହରଣ। ଆହ୍ୱାନ ଏବଂ ଭବିଷ୍ୟତର ସମ୍ଭାବନା ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଉଥିଲେ ମଧ୍ୟ, ଏହା ସାମ୍ନାରେ କିଛି ଆହ୍ୱାନ ରହିଛି, ***ଯେପରିକି:***- ପ୍ରାଦେଶିକ ଶକ୍ତି ସନ୍ତୁଳନକୁ ସମ୍ଭାଳିବା, ବିଶେଷ କରି ଦକ୍ଷିଣ ଏସିଆରେ।, ନିଜର ସଫ୍ଟ ପାୱାରକୁ ଆହୁରି ସମୃଦ୍ଧ କରିବା।, ସୀମିତ ଉପସ୍ଥିତି ଥିବା ଅଞ୍ଚଳରେ ନିଜର ପ୍ରଭାବ ବିସ୍ତାର କରିବା। ସାମଗ୍ରିକ ଭାବେ, ଭାରତର ବହୁମୁଖୀ ବିକାଶ, ଅର୍ଥନୈତିକ କ୍ଷମତା, କୂଟନୈତିକ କୌଶଳ, ଏବଂ ବୈଷୟିକ ସଫଳତା ଏହାକୁ ଏକ ଅଧିକ ସମାବେଶୀ ଏବଂ ବହୁଧା ବିଶ୍ୱ ବ୍ୟବସ୍ଥାରେ ଏକ ପ୍ରମୁଖ ଖେଳାଳି ଭାବେ ପ୍ରତିଷ୍ଠିତ କରୁଛି। ଭାରତର ବୃଦ୍ଧିଶୀଳ ବିଶ୍ୱ ନେତୃତ୍ୱ କେବଳ ଏକ ରୂପାନ୍ତର ଘଟଣା ନୁହେଁ; ଏହା ଜନସେବା, ନୀତି ଓ ନେତୃତ୍ୱର ଏକ ଦୃଢ ପ୍ରତିବିମ୍ବ। ଆମେ ଗର୍ବିତ ହେବା ଯୋଗ୍ୟ ଯେ ଆମ ଦେଶ ଏହି ଯାତ୍ରା ଗତିଶୀଳ ଭାବରେ ଗମନ କରୁଛି। **ଆଗାମୀ ଦଶକରେ, ଆମ ଦାୟିତ୍ୱ ଓ ଆଶା** — ଏହି ନେତୃତ୍ୱକୁ ସାର୍ବଜନୀନ, ସମାନ, ସୁସ୍ଥ ଏବଂ ସ୍ଥାୟୀତ୍ୱପୂର୍ଣ୍ଣ କରିବା।

### ୧୫ଟି ପ୍ରସ୍ତାବ ଉପରେ

ଦୈନିକ ୧୨ ଘଣ୍ଟା ସୀମା ରଖି ଓଭରଟାଇମ୍ ମଜୁରୀକୁ ପୁନର୍ଗଠିତ କରାଯାଇଛି ଏବଂ ସାଧାରଣ ମଜୁରୀର ଦୁଇ ଗୁଣ ଓଭରଟାଇମ୍ ମଜୁରୀ ଦେବାକୁ ବ୍ୟବସ୍ଥା କରାଯାଇଛି । ପ୍ରତି ତିନି ମାସରେ ଓଭରଟାଇମ୍ ସୀମା ୧୧୫ ଘଣ୍ଟାରୁ ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି । ନିର୍ଦ୍ଧାରିତ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ମହିଳାମାନେ ସମସ୍ତ କାରଖାନାରେ ଯେକୌଣସି ସମୟରେ, ଅର୍ଥାତ୍ ସକାଳ ୬ଟା ପୂର୍ବରୁ ଏବଂ ସନ୍ଧ୍ୟା ୭ଟା ପରେ ମଧ୍ୟ କାମ କରିପାରିବେ ।

### A Rational...

causing vibrations in their heart strings (nerves). The war broke out and both the sides fought vigorously. Use of all the powerful heavenly weapons tore and damaged the shield of demons. The demons had to cast off their damaged shield and fight. Hence without the non-conductor shield they could be killed easily by applying Bajra and other weapons. Mahasasura armed with the united force of the demons was ultimately killed by Goddess Durga enriched with the power of unity and co-operation of gods and human beings. After destruction of these powerful enemies, Indra got his throne back and the gods returned to their eternal abode and prayed goddess Durga to be always by their sides and save them from all sorts of danger to come. It is utmost necessary that the above described internal meaning of Durgapuja should be manifested before the current civilized mankind. This is the only function that is solemnised with much triumph and ovation in all over India leading to a maximum congregation. The above mentioned message of Durga Puja should be penned lyrically composed and aired continuously during this time. Instead of playing modern film and album songs during the days of long celebration this immortal truth should be aired as songs, played as drama and performed through dance, so that, the general mass will be aware of the actual meaning of Durga Puja and the real intention of Puja will be realised.

***practices at Clinic Scientific, Unit-III, Bhubaneswar-751001, Orissa.***

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ପାଳିତ





**ନୂଆଦିଲ୍ଲୀ:** ମାତୃଭୂମିର ସେବା ପାଇଁ ସଦୈବ ସମର୍ପିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀ ଜନପଥ ସ୍ଥିତ ଆମ୍ବେଦକର ଅନ୍ତରାଷ୍ଟ୍ରୀୟ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରକୁ ସମ୍ବୋଧିତ କରିବା ସହ ସ୍ମାରକ ଡାକ ଟିକେଟ ତଥା ମୁଦ୍ରା ଉନ୍ମୋଚନ କରିଛନ୍ତି। ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱର ସର୍ବବୃହତ ସ୍ୱେଚ୍ଛାସେବୀ ତଥା ରାଷ୍ଟ୍ରବାଦୀ ସଙ୍ଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର (ଆରଏସ୍‌ଏସ୍) ୧୦୦ ବର୍ଷର ଯାତ୍ରା ହେଉଛି ରାଷ୍ଟ୍ରସେବାର ଗୌରବପୂର୍ଣ୍ଣ ସ୍ୱର୍ଣ୍ଣିମ ଅଧ୍ୟାୟ ।

## ଓଡ଼ିଶାର ଛବି ମଳିନ କରିବାକୁ ଦିଆଯିବ ନାହିଁ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ରାଜ୍ୟରେ କିଛି ଗୋଷ୍ଠୀ ରାଜ୍ୟର ଛବିକୁ ମଳିନ କରିବା ପାଇଁ ଉଦ୍ୟମ କରୁଛନ୍ତି। ତାହା କରିବାକୁ ଦିଆଯିବ ନାହିଁ। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି କରୁଥିବା ବିଶୃଙ୍ଖଳାକାରୀ ଓ ଅସାମାଜିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜି ଲୋକସେବା ଭବନରେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ ଡିଜିପିଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ପରିସ୍ଥିତି ସ୍ୱାଭାବିକ ହେଉଥିବା କୁହାଯାଉଥିବାବେଳେ ସ୍ଥିତିରେ ସୁଧାର ଆସିବାରୁ କର୍ଫ୍ୟୁ ହଟାଯାଇ ଇଣ୍ଟରନେଟ୍ ସେବା ଚାଲୁ କରାଯାଇଛି। ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୁଲିସକୁ ସତର୍କ ରହିବାକୁ ପଡ଼ିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ସହ ପାଟ୍ରୋଲିଂ ଜାରି ରଖାଯାଉ। ଭାଇଚାରାର ସହରରେ ଯେଉଁଳି ସାମାଜିକ ସଦ୍‌ଭାବନା ଫେରି ଆସିବ, ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହ ପୁଲିସର ଉପରିସ୍ଥ ଅଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ପିପିଲି ବିଧାନସଭା ସ୍ଥିତ ମଙ୍ଗଳପୁରରେ 'ସୁସ୍ଥ ମହିଳା-ସଶକ୍ତ ପରିବାର' ଏବଂ 'ପୋଷଣ ମାସ ୨୦୨୫' ଅଭିଯାନ ଅଧୀନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ମହିଳାମାନଙ୍କୁ କିଟ୍ ପ୍ରଦାନ କରିଥିଲେ।



ଜାନୁଆରୀ ୧୯ରେ ଶ୍ରୀଜଗନ୍ନାଥ କଥାମୃତ ଓ ଶ୍ରୀରାମ ମହାଯଜ୍ଞ ନିମନ୍ତେ ପୁରୀଠାରେ ପ୍ରମୁଖ ମଠାଧୀଶ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ପୁରୀର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀକ୍ଷେତ୍ର ଗୋସାଣୀ ପୂଜା କମିଟି ଦ୍ୱାରା ଆୟୋଜିତ ଭଜନ କାର୍ଯ୍ୟକ୍ରମରେ ସାଂସଦ ଡ. ସମ୍ବିତ୍ ପାତ୍ର ଅତିଥି ଭାବେ ଯୋଗଦେବା ସହିତ ଭକ୍ତଙ୍କ ପାଇଁ ଭଜନ ପରିବେଷଣ କରିଥିଲେ।

## ନୂଆପଡ଼ାରେ ବହୁ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



**ନୂଆପଡା:** ଗତ ପନ୍ଦର ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ନୂଆପଡ଼ା ଜିଲ୍ଲାକୁ ଆଗମନ କରି ବହୁ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନୂଆପଡ଼ାର ବିକାଶକୁ ଗୁରୁତ୍ୱ ଦେବାର ପୂର୍ବ ପ୍ରତିଶ୍ରୁତି ରକ୍ଷା କରି ନୂଆପଡ଼ାରେ ଗସ୍ତ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଜିଲ୍ଲାର ବିକାଶ ଦାୟିତ୍ୱକୁ ମୁଁ ବ୍ୟକ୍ତିଗତ ଭାବେ ତଦାରଖ କରିବି ଏବଂ ଆବଶ୍ୟକ ହେଲେ ବାରମ୍ବାର ଆସିବି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବରୁ ଅବିଭକ୍ତ କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲା ଆଞ୍ଚଳିକ ବୈଷମ୍ୟତା ଅନୁଭବ କରୁଥିଲେ ମଧ୍ୟ ବର୍ତ୍ତମାନ ଆମେ ରାଜ୍ୟର ସମସ୍ତ ଅଞ୍ଚଳକୁ ସମାନ ଗୁରୁତ୍ୱ ପ୍ରଦାନ କରୁଛୁ। ଚଳିତ ବର୍ଷ ଏପ୍ରିଲ ମାସରେ ମାରାଗୁଡ଼ା ମହୋତ୍ସବ ସମୟରେ ମୁଁ ଆପଣମାନଙ୍କ ପାଖକୁ ଆସିଥିଲି ଏବଂ ୩୨୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲି । ଆଜି ପୁଣି ମୁଁ ନୂଆପଡ଼ାରେ ମୋଟ୍ ୧,୧୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କଲି। ଏହି ପ୍ୟାକେଜ୍ ମଧ୍ୟରେ ୬୪ କୋଟି+ ଟଙ୍କା ବ୍ୟୟରେ ନିର୍ମିତ ୧୦୯ ଗୋଟି ପ୍ରକଳ୍ପର ଲୋକାର୍ପଣ ଏବଂ ୧୫୯ କୋଟି ଟଙ୍କାର ୩୯ ଗୋଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ସର୍ବାଧିକ ଗୁରୁତ୍ୱ ଦେଇ ଚାଷୀ ଭାଇ ଓ ଭଉଣୀମାନଙ୍କ ବହୁଦିନର ଦାବିକୁ ସମ୍ମାନ ଜଣାଇ କେବଳ ଜଳସେଚନ ପାଇଁ ୮୦୨ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରାଯାଇଛି ବୋଲି କାର୍ଯ୍ୟକ୍ରମ ଅବସରରେ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।







ନବରାତ୍ରୀ ଉତ୍ସବ ଅବସରରେ ପୁରୀର ଯାତ୍ରୀକା ପଡିଆରେ ଫ୍ୟୁଚର୍ ଇଭେଣ୍ଟ୍ ଦ୍ୱାରା ଆୟୋଜିତ ଶ୍ରୀକ୍ଷେତ୍ର ଦାଣ୍ଡିଆ ଉତ୍ସବ- ୨୦୨୫ରେ ପୁରୀ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ ଏବଂ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ।

### 'ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର' ଉଦ୍‌ଘାଟିତ



ସମ୍ବଲପୁର ହୀରାକୁଦ ଠାରେ 'ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର'କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପଂଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଲୋକାର୍ପଣ କରିଛନ୍ତି ।



ଓଡିଶା ସରକାରଙ୍କ ପକ୍ଷରୁ ପାଟଣାଗଡ଼ର(କେନ୍ଦୁପତ୍ର) ବନାଞ୍ଚଳ କାର୍ଯ୍ୟାଳୟଠାରେ କେନ୍ଦୁପତ୍ର କଲ୍ୟାଣ ଟ୍ରଷ୍ଟ୍ ପାଣ୍ଠି ତରଫରୁ ତୋଳାଳୀ/ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀମାନଙ୍କୁ ମୃତ୍ୟୁ କାଳୀନ ସହାୟତା(ବୀମା) ରାଶି ବଣ୍ଟନ କରୁଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସାଂସଦ ସଂଗୀତା କୁମାରୀ ସିଂ ଦେଓ ।





ପୁରୀ ସତ୍ୟବାଦୀଠାରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ବହୁ ସଂଖ୍ୟାରେ ବିଜେଡି କର୍ମକର୍ତ୍ତା ଏବଂ କର୍ମୀମାନେ ଯୋଗଦେଇଥିଲେ।



ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ଠାରେ ଆୟୋଜିତ ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସରେ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ସହ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେବା ଅବସରରେ।

## ସଂପାଦକୀୟ ପୃଷ୍ଠାର ଅବଶିଷ୍ଟାଂଶ

### ରାଷ୍ଟ୍ର ସାଧନାର...

ସେତେବେଳେ ସେହି ସମୟର ଆବଶ୍ୟକତା ଏବଂ ସଂଘର୍ଷ ଭିନ୍ନ ଥିଲା। କିନ୍ତୁ ଆଜି, ଶହେ ବର୍ଷ ପରେ, ଭାରତ ବିକାଶ ଆଡ଼କୁ ଅଗ୍ରସର ହେଉଥ?ିବାରୁ ଆଜିର ଆହ୍ୱାନ ଏବଂ ସଂଘର୍ଷ ଭିନ୍ନ। ଅନ୍ୟ ଦେଶ ଉପରେ ଆର୍ଥିକ ନିର୍ଭରଶୀଳତା, ଆମର ଏକତାକୁ ଭାଙ୍ଗିବା ପାଇଁ ଏବଂ ଜନସଂଖ୍ୟା ପରିବର୍ତ୍ତନ କରିବା ପାଇଁ ଷଡ଼ଯନ୍ତ୍ର ଆଦି ଆହ୍ୱାନର ଆମ ସରକାର ଦୃଢ଼ ମୁକାବିଲା କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟ ଏହି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏକ କଂକ୍ରିଟ ରୂପରେଖା ବିକଶିତ କରିବା ମୋ ପାଇଁ ଖୁସିର ବିଷୟ। ସଂଘର ପଞ୍ଚ ପରିବର୍ତ୍ତନ — ସୁବୋଧ, ସାମାଜିକ ସୌହାର୍ଯ୍ୟ, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର ଏବଂ ପରିବେଶ ସଂକଳ୍ପ ପ୍ରତ୍ୟେକ ସ୍ୱୟଂସେବକଙ୍କ ଲାଗି ଦେଶ ଆଗକୁ ଆସୁଥିବା ଆହ୍ୱାନକୁ ସମାପ୍ତ କରିବା ଲାଗି ବହୁତ ବଡ଼ ପ୍ରେରଣା । ସ୍ୱବୋଧ ଭାବନାର ଉଦ୍ଦେଶ୍ୟ ହେଉଛି ଗୋଲାମୀ ମାନସିକତାରୁ ମୁକ୍ତହୋଇ ନିଜ ଐତିହ୍ୟ ଉପରେ ଗର୍ବ କରିବା ଏବଂ ସ୍ୱଦେଶୀ ମୂଳଦୁଆର ସଂକଳ୍ପକୁ ଆଗକୁ ବଢ଼ାଇବା। ସାମାଜିକ ସମନ୍ୱୟ ଜରିଆରେ ବଞ୍ଚିତମାନଙ୍କୁ ପ୍ରାଥମିକତା ଦେଇ ସାମାଜିକ ନ୍ୟାୟର ସ୍ଥାପନା କରିବା ନିମନ୍ତେ ସଂକଳ୍ପ ନିଆଯାଇଛି । ଅନୁପ୍ରବେଶକାରୀଙ୍କ ପାଇଁ ଜନସଂଖ୍ୟାରେ ପରିବର୍ତ୍ତନ ଯୋଗୁ ଆଜି ଆମର ସାମାଜିକ ସୌହାର୍ଯ୍ୟ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି। ଏହାର ମୁକାବିଲା କରିବା ପାଇଁ ମଧ୍ୟ ଦେଶ ଡେମୋଗ୍ରାଫି ମିଶନ ଘୋଷଣା କରିଛି। ଆମକୁ କୁଟୁମ୍ବ ପ୍ରବୋଧନ ଅର୍ଥାତ୍ ପାରିବାରିକ ସଂସ୍କୃତି ଏବଂ ମୂଲ୍ୟବୋଧକୁ ଅଧିକ ମଜଭୁତ କରିବାକୁ ହେବ। ନାଗରିକ ଶିଷ୍ଟାଚାର ଜରିଆରେ ପ୍ରତ୍ୟେକ ଦେଶବାସୀଙ୍କ ମଧ୍ୟରେ ନାଗରିକ କର୍ତ୍ତବ୍ୟବୋଧ ଭରିବାର ଆବଶ୍ୟକତା ରହିଛି। ଏସବୁ ସହିତ ଆମ ପରିବେଶ ସୁରକ୍ଷା କରି ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖୁବା ମଧ୍ୟ ଜରୁରୀ। ଏହି ସଂକଳ୍ପଗୁଡ଼ିକୁ ମନରେ ରଖ୍ଣୀ ସଂଘ ଏବେ ଆଗାମୀ ଶତାବ୍ଦୀର ଯାତ୍ରା ଆରମ୍ଭ କରୁଛି। ୨୦୪୭ ମସିହାର ବିକଶିତ ଭାରତ ଗଠନରେ ସଂଘର ପ୍ରତ୍ୟେକ ଯୋଗଦାନ ଦେଶର ଉର୍ଜା ବଢ଼ାଇ ଦେଶକୁ ଅନୁପ୍ରାଣିତ କରିବ। ପୁଣିଥରେ ପ୍ରତ୍ୟେକ ସ୍ୱୟଂସେବକଙ୍କୁ ଅନେକ ଅନେକ ଶୁଭକାମନା।

### ଦୁର୍ଗତୀନାସିନୀ...

ତିଥ୍ୟରେ ପାର୍ଶ୍ୱ ପରିବର୍ତ୍ତନ ପରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ (ମୂଳାଷ୍ଟମୀ)ରେ କରାଯାଏ । ମୂଳାଷ୍ଟମୀରୁ ଆଶ୍ୱିନ ଅମାବାସ୍ୟା ପର୍ଯ୍ୟନ୍ତ ହେଉଥିବା ଭିତର ପୂଜା ପାଇଁ ମା' ଭଗବତୀ କାଠି ଠାକୁରାଣୀ ତାଙ୍କ ପିତ୍ରାଳୟ ଦକ୍ଷେଶ୍ୱର ପ୍ରଜାପତି ମନ୍ଦିରରୁ ଆସି ଅର୍ଦ୍ଧରାତ୍ରରେ ପିତ୍ରାଳୟକୁ ଫେରିଯାଆନ୍ତି । ଏହି ଉତ୍ସବରେ ବଳିଜେନା ନୃତ୍ୟ ଦର୍ଶନୀୟ । ଆଶ୍ୱିନ ଅମାବାସ୍ୟାରେ ମା' ଭଗବତୀଙ୍କ କାଠି ଠାକୁରାଣୀ ପିତା ଘରୁ ଆସନ୍ତି ଓ ମା' ବିରିଜାଇଙ୍କ କାଠି ଠାକୁରାଣୀ ଭଗବତୀଙ୍କ ମନ୍ଦିରରୁ ଆସନ୍ତି । ବଜାରରେ ଉଭୟଙ୍କ ଭେଟ ହୁଏ । ଏହାକୁ ଭେଟ ଅମାବାସ୍ୟା କହନ୍ତି । ବାହାର ପୂଜା ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ । ଭଗବତୀଙ୍କ ସାତବଖରା ଘରେ ଭଗବତୀ ଓ ତାଙ୍କ ପାଞ୍ଚ ଭଉଣୀଙ୍କର କରାଯାଏ । ସନ୍ଧିପୂଜା ଆଶ୍ୱିନ ଶୁକ୍ଳ ନବମୀରେ ଭଗବତୀ ମନ୍ଦିରରେ ହୁଏ । ବଡ଼ମ୍ବା ଅଷ୍ଟାତ୍ରୀ ଭଟ୍ଟାରିକା ଦେବୀଙ୍କ ପୂଜା ଆଶ୍ୱିନ ଶୁକ୍ଳ ଅଷ୍ଟମୀ ତିଥିରୁ ଆରମ୍ଭ ହୁଏ । ମା' ବିରଜାଇଙ୍କର ଦଶହରା ଉତ୍ସବ ଆଶ୍ୱିନ ଶୁକ୍ଳ ପ୍ରତିପଦା ତିଥିଠାରୁ ଆରମ୍ଭ ହୁଏ । ଏହି ଦିନଠାରୁ ଦେବୀଙ୍କର ରଥଯାତ୍ରା ହୁଏ । ଆଶ୍ୱିନ ଶୁକ୍ଳ ପଞ୍ଚମୀ ତିଥିଠାରୁ ଯଜ୍ଞ ମଧ୍ୟ କରାଯାଏ । ଏଠାରେ ଏକ ଲାଖବିନ୍ଧା ପଡ଼ିଆ ଅଛି । ରଥରୁ ଅବତରଣ କରାଇ ଏହି ଲାଖବିନ୍ଧା ପଡ଼ିଆକୁ ଦେବୀଙ୍କୁ ନିଆଯାଏ । ମହିଷାସୁରକୁ ଶୂଳ ବିନ୍ଧର ସ୍ମାରକୀ ସ୍ୱରୂପ ଲାଖ ବିନ୍ଧାଯାଏ। କାକଟପୁରସ୍ଥ ମଙ୍ଗଳାଙ୍କର ଆଶ୍ୱିନ କୃଷ୍ଣ ଅଷ୍ଟମୀ (ମୂଳାଷ୍ଟମୀ)ଠାରୁ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଷୋଡ଼ଶ ଦିବସ ଶାରଦୀୟ ପୂଜା ହୋଇଥାଏ । ମହାନବମୀରେ ଶାନ୍ତପୂଜା ଓ ଦଶହରା ଦିନ ସନ୍ଧ୍ୟାରେ ମା'ଙ୍କ ବିଜେ ପ୍ରତିମା କନକ ଦୁର୍ଗା ଓ ଚନ୍ଦ୍ରଶେଖର ଦେବଙ୍କୁ ବିମାନରେ ବସାଇ ସମେଶ୍ୱର ମନ୍ଦିରକୁ ନିଆଯାଏ । ସେଠାରେ ପୂଜା ପରେ ରାତ୍ରୀରେ ମଙ୍ଗଳା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଶ୍ରୀକ୍ଷେତ୍ରର ମା' ବିମଳାଙ୍କର ଷୋଡ଼ଶ ଦିବସ ବ୍ୟାପୀ ଉତ୍ସବ ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥିରୁ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ତିଥି ପର୍ଯ୍ୟନ୍ତ କରାଯାଏ । ଆଶ୍ୱିନ କୃଷ୍ଣ ଅଷ୍ଟମୀରେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପାଇଲାପରେ ଶ୍ରୀମାଧବ ଓ ମା' ବିମଳାଙ୍କ ବିଜେ ପ୍ରତିମା କନକଦୁର୍ଗା ବିମଳା ମନ୍ଦିରକୁ ବିମାନରେ ବିଜେ କରି ସେଠାରେ ନାଟ ମନ୍ଦିରରେ ଉପବେଶନ କରନ୍ତି । ସେଠାରେ ପୂଜାନୀତି କରାଯାଇ ଶ୍ରୀମାଧବ ଶ୍ରୀମନ୍ଦିରକୁ ପ୍ରତ୍ୟହ ପ୍ରତ୍ୟାବର୍ତ୍ତନ କରନ୍ତି । ଏହିପରି ଆଠଦିନ ଚାଲିଲାପରେ ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରକୁ ବିମାନରେ ବିଜେ କରନ୍ତି ଓ ପ୍ରତ୍ୟହ ରାତ୍ରିରେ ଶ୍ରୀମନ୍ଦିରକୁ ଫେରି ଆସନ୍ତି । ବିମଳା ମନ୍ଦିରରେ ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀରେ ସ୍ୱତନ୍ତ୍ର ପର୍ବ କରାଯାଏ । ଝଙ୍କଡ଼ସ୍ଥ ମା' ସାରଳା କ୍ଷେତ୍ରରେ ବିଜେ ସାରଳା ଦେବୀ ବାଣପୁର ମା' ଭଗବତୀଙ୍କ ପରି ଅଷ୍ଟଭୁଜା ଦେବୀ ଅଟନ୍ତି । ସେ ପରମ ବୈଷ୍ଣବୀ ଦେବୀ ସରସ୍ୱତୀ ଅଟନ୍ତି । ଦେବୀଙ୍କର ଶାରଦୀୟ ପୂଜା ଉତ୍ସବ ମୂଳାଷ୍ଟମୀଠାରୁ ଦଶହରା ବା ବିଜୟା ଦଶମୀ ପର୍ଯ୍ୟନ୍ତ ପାଳନ କରାଯାଏ । ବାଙ୍କୀର ଚର୍ଚ୍ଚିକା କ୍ଷେତ୍ରରେ ମଧ୍ୟ ଅନୁରୂପ ଷୋଡ଼ଶ ଦିବସ ପୂଜା କରାଯାଏ । ଓଡ଼ିଶାରେ ଥିବା ଶକ୍ତି କ୍ଷେତ୍ରରେ ଦେବୀମାନଙ୍କର ଶାରଦୀୟ ଦୁର୍ଗୋତ୍ସବ ବିଧିମୁତାବକ ପାଳନ ହୋଇଆସୁଅଛି । ସ୍ଥାନୀୟ ବାସିନ୍ଦାମାନେ ଏହି ଶାରଦୀୟ ଉତ୍ସବରେ ବିଶେଷ ଆନନ୍ଦ ହୁଅନ୍ତି ।

*କନକ ମୃଗ, କାରାଗାର ପଥ, ଖୋର୍ଦ୍ଧା*

### ଛୋଟରେ...

କରିଛି। ତାଙ୍କରି ଉଦ୍ୟମରେ ଏହି ସଂସ୍ଥା ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ବହୁରାଷ୍ଟ୍ରୀୟ କମ୍ପାନିରେ ପରିଣତ ହେବାକୁ ଯାଉଛି, ଯାହାର ଶାଖା ପ୍ରଶାଖା ସାରା ବିଶ୍ୱରେ ପରିବ୍ୟାପ୍ତ ହେଲେ ହେଁ ମୂଳ ସବୁବେଳେ ଭାରତ ମାଟିରେ ରହିଥିବ। ୟୁନିକର୍ଣ୍ଣ ଦୌଡ଼ରୁ ଦୂରରେ ରହି 'ଜୋହୋ' ଏକ ନୂଆ ଟ୍ରେଣ୍ଡ୍ ତିଆରି କରୁଛି, ଯାହାଦ୍ୱାରା ଏକ କ୍ରମବର୍ଦ୍ଧିଷ୍ଣୁ ରାଜସ୍ୱ ଆଧାରିତ ଅଭିବୃଦ୍ଧି, ଲକ୍ଷ ଲକ୍ଷ ଦେଶବାସୀଙ୍କୁ ରୋଜଗାରର ସୁଯୋଗ ପ୍ରଦାନ କରି ସବୁଦିନ ପାଇଁ ଦାରିଦ୍ର୍ୟର କଷାଘାତରୁ ମୁକ୍ତି ଦେଇପାରିବ। ଦେଖା-ସର୍ବସ୍ୱ ନୁହେଁ, ବରଂ ନିରନ୍ତର ରାଷ୍ଟ୍ରନିର୍ମାଣର ଏହା ଏକ ଅଭିନବ ସଂକଳ୍ପ ନୁହେଁ ତ ଆଉ କ'ଣ? ସେଦିନ ତେନକାଶୀ ମାଟିରେ ଠିଆ ହୋଇ ମୁଁ ଭାବୁଥାଏ ତାମିଲ ଭାଷାର ମହାକବି ସୁବ୍ରମନ୍ୟ ଭାରତୀୟାରଙ୍କ ଦୂରଦୃଷ୍ଟି କଥା। ବିଂଶ ଶତାବ୍ଦୀର ଆଦ୍ୟଭାଗରେ ଏହି ମହାମନୀଷୀ ଦେଖିପାରିଥିଲେ ଶିଳ୍ପ-ସମୃଦ୍ଧ ଗ୍ରାମୀଣ ଭାରତର ସ୍ୱପ୍ନ, ଯେଉଁଠି ଜ୍ଞାନ ଓ ଶ୍ରମ ବଳରେ ହିଁ ଗାଁଗୁଡ଼ିକ ମର୍ଯ୍ୟାଦାସମ୍ପନ୍ନ ହୋଇପାରିବେ। ଭାରତୀୟାରଙ୍କ ସ୍ୱପ୍ନର ଭାରତ ଆଜି ମୋଦୀଙ୍କ ଆତ୍ମନିର୍ଭର ଭାରତ ହୋଇ ଉଭା ହୋଇଛି। ସମୃଦ୍ଧ ଭାରତର ସାଉଁଟା କାହାଣୀ ପୁଣି ଥରେ ଲିପିବଦ୍ଧ ହେବା ଆରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ 'ଜୋହୋ'ର ଗ୍ରାମାଞ୍ଚଳ ବିପ୍ଳବ ଭାରତୀୟାରଙ୍କ ସ୍ୱପ୍ନର ଏକ ବାସ୍ତବ ରୂପାୟନ ନିଶ୍ଚୟ। ଏକବିଂଶ ଶତାବ୍ଦୀକୁ ଭାରତୀୟ ଶତାବ୍ଦୀରେ ରୂପାନ୍ତରିତ କରିବାକୁ ହେଲେ ଆମକୁ ତେନକାଶୀ ଠାରୁ ଶିକ୍ଷାଲାଭ କରିବାକୁ ହେବ । ପ୍ରଯୁକ୍ତି-ସମ୍ପନ୍ନ ଗାଁ ହିଁ ଏହି ଲକ୍ଷ୍ୟର ପୁରୋଭାଗରେ ରହିବ। ଯେ ତେନକାଶୀ ପରି ଅନେକ କ୍ଷୁଦ୍ର ଅଥଚ ଅସୀମ ସମ୍ଭାବନାପୂର୍ଣ୍ଣ ଅଞ୍ଚଳ ଓଡ଼ିଶାରେ ମଧ୍ୟ ରହିଛି। କହିବା ବାହୁଲ୍ୟ ପୂର୍ବୋଦୟର ସୁଫଳକୁ ପୁଞ୍ଜି କରି ଓଡ଼ିଶାରେ ଅଧୁନା ନ୍ୟୁ ଏଜ୍ ଇକୋନମି ବା ନବଯୁଗୀୟ ଅର୍ଥନୀତି ଗତିଶୀଳ ହେଉଅଛି। ଏଣୁ ମୋର ବିଶ୍ୱାସ, ପ୍ରଯୁକ୍ତି ବଳରେ ରାଜ୍ୟର ଛୋଟ ଛୋଟ ଗାଁ ଓ ସହରଗୁଡ଼ିକୁ ସଶକ୍ତ କରି ଆମେ ଓଡ଼ିଶାରେ ଏକ ନବ ବିପ୍ଳବର ବାର୍ତ୍ତାବହ ହୋଇପାରିବା। (ମତାମତ ଲେଖକଙ୍କ ନିଜସ୍ୱ)


ODISHA STATE SEEDS CORPORATION LTD.

## ପ୍ରଗତି ପଥେ ଓଡ଼ିଶା ରାଜ୍ୟ ବିହନ ନିଗମ

ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, ଓଡ଼ିଶା

ଫୋନ ନଂ ୦୬୭୪ ୨୩୪୦୫୭୩ (ଏମ୍.ଡି), ଫ୍ୟାକ୍ସ ୨୩୪୦୦୯୬

୧. ଓଡିଶା ରାଜ୍ୟ ବିହନ ନିଗମ ଉନ୍ନତ ମାନର ବିହନ ଉତ୍ପାଦନ କରି ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀ ଭାଇ ମାନଙ୍କୁ ଯୋଗାଇ ଦେଇ ଆସୁଅଛି ।

୨. ବିହନ ନିଗମ ୩୬୧୪ ଜଣ ପ୍ରାଇଭେଟ ଡିଲର ଏବଂ ୨୫୦୯ ଜଣ PACS ଏବଂ LAMPSଙ୍କ ଜରିଆରେ ଉନ୍ନତ ମାନର ଧାନ ଓ ଅଣଧାନ ପ୍ରାମାଣିକ ବିହନ ସହିତ ବିଶ୍ୱସନୀୟ ପନିପରିବା ବିହନ ପଞ୍ଚାୟତ ସ୍ତରରେ ଯୋଗାଇ ଦେଇ ଆସୁଅଛି ।

୩. ଓଡିଶା ରାଜ୍ୟ ବିହନ ନିଗମ ୧୯୯୬ ମସିହା ଠାରୁ କ୍ରମାଗତ ଭାବେ ଲାଭ କରି ଏକ ଅଗ୍ରଣୀ ସଂସ୍ଥାର ମାନ୍ୟତା ପ୍ରାପ୍ତ କରିଛି ।

୪. ନିଗମ ୨୦୨୪-୨୫ ବର୍ଷର ୨୦.୧୨.୨୦୨୪ ସୁଦ୍ଧା ୧,୯୧,୯୨୮ କ୍ୱିଣ୍ଟାଲ ଧାନ ଏବଂ ୯୦୨୦୯ କ୍ୱିଣ୍ଟାଲ ଅଣ ଧାନ ବିହନ ଯୋଗାଇ ଦେଇଅଛି ।

୫. ଓଡିଶା ରାଜ୍ୟ ବିହନ ନିଗମ ୨,୫୮,୦୨୫ କ୍ୱିଣ୍ଟାଲ ପନିପରିବା ଓ ମସଲା ଜାତୀୟ ବିହନ ଏବଂ ୯୦,୨୫,୫୦୩ ସଂଖ୍ୟାର ଚାରା ଉଦ୍ୟାନ କୃଷି ବିଭାଗ କୁ ୨୦୨୪-୨୫ ଆର୍ଥିକ ବର୍ଷରେ ଯୋଗାଇ ଦିଆଯାଇଛି ।

୬. ନିଗମ ଦ୍ୱାରା ରାଜ୍ୟ ସରାକରଙ୍କ ମିଲେଟ ମିସନ ଏବଂ ମୋ ଉପକାରୀ ବଗିଚା ଯୋଜନାରେ ବିହନ ଯୋଗାଣ କରି ଯୋଜନାକୁ ସଫଳ କରିବାରେ ସହାୟକ ହୋଇ ପାରିଛି ଯାହାକି ଭାରତ ସରାକରଙ୍କ ନିତି ଆୟୋଗ ଦ୍ୱାରା ପ୍ରଶଂସିତ ହୋଇଛି ।

୭. ସୋନପୁର, ଭବାନିପାଟଣା, ସମ୍ବଲପୁର, ନୟାଗଡ, ଭୁବନେଶ୍ୱର, ରଙ୍ଗେଇଲୁଣ୍ଡା, ସାତଶଙ୍ଖ, ବାବନପୁର ଓ ଶେରଗଡ ଠାରେ ଗୋଦାମ ଗୃହ ନିର୍ମାଣ କରି ୫୮,୦୦୦ କ୍ୱିଣ୍ଟାଲ ବିହନ ସଂରକ୍ଷଣ ପାଇଁ ଅତିରିକ୍ତ ୮୭,୦୦୦ ବର୍ଗଫୁଟର ଗୋଦାମ ଗୃହର ବ୍ୟବସ୍ଥା କରାଯାଇଛି ।

୮. ନିଗମର ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ଭବାନିପାଟଣା, ବରଗଡ, ଜୟପୁର ଏବଂ ବୌଦ୍ଧ ଶାଖା କାର୍ଯ୍ୟାଳୟ ସହିତ ଯୋଗସୂତ୍ର ରକ୍ଷାକରି ଚାଷୀଭାଇମାନେ ନିଗମ ତରଫରୁ ନିଆଯାଉଥିବା ବିହନ ଉତ୍ପାଦନ ଯୋଜନାରେ ନିଜକୁ ସାମିଲ କରିପାରିବେ ।



# ୫୨ ହଜାରରୁ ଅଧିକ ଯୁବବର୍ଗ ପାଇବେ ନିଯୁକ୍ତି

## ୧୨ ଜିଲ୍ଲାରେ ୨୭ ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ୍ୟୁଏଟି ସ୍ଥିତ କନଭେନସନ ସେଣ୍ଟର ଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡିଛନ୍ତି। ସୂଚନାଯୋଗ୍ୟ, ୨୭ ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାପାଇଁ ସମୁଦାୟ ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି ଏବଂ ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକ ମାନଙ୍କ ଆସ୍ଥା ବୃଦ୍ଧି ପାଉଛି । ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍‌ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକ ମାନଙ୍କୁ ଆକୃଷ୍ଟ କରୁଛୁ । ମାନୁଫାକ୍‌ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ କମ୍ପିଟ୍ କରି ପାରୁଥିବା ଭଳି ପ୍ରଡକ୍ଟ ନିର୍ମାଣ କରୁଛୁ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ମାତ୍ର ୧୫ ମାସ ହେବ ଓଡିଶାର ଶାସନ ଦାୟିତ୍ୱ ନେଇଛନ୍ତି । ଏହି ଅଳ୍ପ ସମୟ ମଧ୍ୟରେ ଆମ ସରକାର ୨୬୦ ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବା ସହିତ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ଏହି ସମୟ ମଧ୍ୟରେ ଆମେ ୮୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ । ଏହା ଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି, ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି ।

## ସହିଦ୍ ବାଜି ରାଉତଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସର ସବୁଠାରୁ କନିଷ୍ଠ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ମାତ୍ର ୧୨ ବର୍ଷ ବୟସରେ ଦେଶପାଇଁ ପ୍ରାଣବଳି ଦେଇ ଇତିହାସ ସୃଷ୍ଟି କରିଥିବା ଶହୀଦ ବୀର ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଭକ୍ତିପୂତ ପ୍ରଣାମ ।

## ସରକାରୀ କର୍ମଚାରୀଙ୍କୁ ଦୀପାବଳିରେ ୩% ଡିଏ ବୃଦ୍ଧି

**ନୂଆଦିଲ୍ଲୀ:** ପାର୍ବଣ ଋତୁରେ କେନ୍ଦ୍ର ସରକାର ନିଜର କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି। ଜିଏସଟି ହାର ହ୍ରାସ ପରେ, ଏବେ ସରକାର ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ୍ (ଡିଆର) ରେ ୩ ପ୍ରତିଶତ ବୃଦ୍ଧି ଘୋଷଣା କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୧.୨ କୋଟିରୁ ଅଧିକ କର୍ମଚାରୀ ଏବଂ ପେନସନଭୋଗୀ ଉପକୃତ ହେବେ। ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏନେଇ ଘୋଷଣା ଅକ୍ଟୋବର ପ୍ରଥମ ସପ୍ତାହରେ କରାଯାଇପାରେ। ବିଜନେସ୍ ଟୁଡେର ଏକ ରିପୋର୍ଟ ଅନୁଯାୟୀ, ସରକାର ଏହି ଘୋଷଣା ପାଇଁ ସ୍ୱତନ୍ତ୍ର ଭାବରେ ଦୀପାବଳିର ସମୟକୁ ବାଛିଛନ୍ତି ଯାହା ଦ୍ୱାରା କର୍ମଚାରୀ ଏବଂ ପେନସନଭୋଗୀମାନେ ଏହି ଘୋଷଣା ମାଧ୍ୟମରେ ପାର୍ବଣ ଋତୁରେ ଅତିରିକ୍ତ ସୁବିଧା ପାଇପାରିବେ।

## ଏକ ମାସରେ ୧୬ ନିଖୋଜ ନାବାଳିକା ଓ ଶିଶୁ ଉଦ୍ଧାର

**ପୁରୀ:** ପୁରୀ ପୋଲିସ ନାବାଳିକା ନିଖୋଜ ଓ ଛୁଆମାନଙ୍କ ଉଦ୍ଧାର ପାଇଁ ଲାଗାତାର ଭାବରେ ଅଭିଯାନ ଜାରି ରଖିଛନ୍ତି। ପୁରୀ ଟାଉନ ଥାନା ରେ ୨୨.୯.୨୦୨୫ ରେ କେସ ନମ୍ବର ୪୭୮/୨୫ ରେ ଗୋଟିଏ ନାବାଳିକା ଝିଅ ନିଖୋଜ ହୋଇଥିବା ଅଭିଯୋଗ ରେଜିଷ୍ଟ୍ରି ହୋଇଥିଲା। ଘଟଣା ଥାନାକୁ ନଜର ଆସିବା ପରେ, ପୁରୀ ଟାଉନ ପୋଲିସ ତତ୍କ୍ଷଣାତ ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଲାଗାତାର ରେଡ୍ କରିଛନ୍ତି। ଅନେକ ଚେଷ୍ଟା ଓ ଅନୁସନ୍ଧାନ ପରେ, ନାବାଳିକାକୁ କଟକରୁ ଉଦ୍ଧାର କରାଯାଇଛି। ଏହି ଅଭିଯାନରେ ଟାଉନ ପୋଲିସ ଟିମ୍ ର ସଚେତନ ଓ ଦୃଢ଼ ପ୍ରୟାସ ଫଳରୂପ ଏହି ସଫଳତା ମିଳିଛି। ଏକ ମାସରେ ପୁରୀ ପୋଲିସ ଦ୍ୱାରା ୧୬ ନିଖୋଜ ନାବାଳିକା ଓ ଶିଶୁ ଉଦ୍ଧାର । ଗତ ୧ ମାସରେ ପୁରୀ ପୋଲିସ ଦ୍ୱାରା ୧୫ ଜଣ ନାବାଳିକା ଓ ୧ ଜଣ ଛୋଟ ଛୁଆ ଉଦ୍ଧାର କରାଯାଇଛନ୍ତି।

## ଅପରାଧ ରାସ୍ତା ଛାଡ଼ି ନୂତନ ଜୀବନ ପାଇଁ ଶିଶୁ ସଚେତନତା ସଭା



**ପୁରୀ:** ପୁରୀ ପୋଲିସ ପକ୍ଷରୁ ଟାଉନ ଥାନା କନଫରେନ୍ସ ହଲ ରେ ଏକ ବିଶେଷ ସଚେତନତା ସଭା ଆୟୋଜିତ ହୋଇଥିଲା ଯାହାର ଅଧ୍ୟକ୍ଷତା ଏସ୍ପି ପୁରୀ ପ୍ରତୀକ ସିଂ କରିଥିଲେ। ଏହି ସଭାରେ ସେହି ସମସ୍ତ ଅପ୍ରାପ୍ତବୟସ୍କ ଶିଶୁମାନେ ଯେଉଁମାନେ ପୂର୍ବରୁ କିଛି ଅପରାଧରେ ଜଡିତ ହୋଇଥିଲେ ଓ ଆଇନଗତ ଶାସନ ପାଇଥିଲେ, କିନ୍ତୁ ବର୍ତ୍ତମାନ ସଠିକ୍ ପଥରେ ଫେରି ନୂତନ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି, ସେମାନଙ୍କୁ ଡାକି ସହସ୍ପର୍ଶୀ ଆଲୋଚନା ହୋଇଥିଲା। ଏହି ସଭାରେ ଏସ୍ପି ପୁରୀ ଶ୍ରୀ ସିଂ ସେମାନଙ୍କ ସହିତ ସାକ୍ଷାତ ଆଲୋଚନା କରି ସେମାନଙ୍କ ଜୀବନରେ ହୋଇଥିବା ପରିବର୍ତ୍ତନ, ପାଠପଢା ଓ ସମାଜରେ ସୁପଥରେ ଚାଲିବା ପାଇଁ ସଂକଳ୍ପ କରାଇଥିଲେ ଓ ସଙ୍କଳ୍ପକୁ ସ୍ୱାଗତ କଲେ। ସେ ସଭାରେ ସମସ୍ତ ଶିଶୁଙ୍କ ଅଭିଭାବକମାନଙ୍କୁ ମଧ୍ୟ ଡାକି ସଚେତନ କଲେ ଯେ ସେମାନେ ନିଜ ସନ୍ତାନଙ୍କ ଆଚରଣ ଉପରେ ନିରନ୍ତର ନଜର ରଖନ୍ତୁ ଓ ସେମାନଙ୍କୁ ଶିକ୍ଷା, କ୍ରୀଡ଼ା ଓ ଭଲ କାର୍ଯ୍ୟରେ ଅଗ୍ରସର କରାନ୍ତୁ।

## ବିଶ୍ୱସ୍ତରୀୟ ହେବ ମା' ସମଲେଶ୍ୱରୀ ପୀଠ



ଭୁବନେଶ୍ୱର: ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରୁ ଜଣାଯାଇଛି ଯେ ମା' ସମଲେଶ୍ୱରୀ ମନ୍ଦିର ବିକାଶ କାମ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁର୍ପାଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହିତ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ। ମା' ସମଲେଶ୍ୱରୀଙ୍କ ପୀଠରେ ବର୍ଷ ତମାମ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ଭିଡ ଲାଗିରହିଥାଏ। ଏଥିସହିତ ସମ୍ବଲପୁର ଜିଲ୍ଲାର ମଧ୍ୟ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ରହିଛି। ସେଥିପାଇଁ ଦେଶବିଦେଶରୁ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଆସିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଓଡ଼ିଶାର ବିକାଶ ପାଇଁ ସାଂସଦ-ଶିଳ୍ପଜଗତ ବୈଠକ




**ନୂଆଦିଲ୍ଲୀ :** ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ପରିଷଦ ପକ୍ଷରୁ ଓଡ଼ିଶାର ସାଂସଦମାନଙ୍କ ସହିତ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଛି। ଏଥିରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟଙ୍କ ସହିତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ୧୪ ଜଣ ସାଂସଦ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଶିଳ୍ପ ଏବଂ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାରେ ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା - ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ଉପଯୋଗ କରି ପର୍ଯ୍ୟଟନକୁ ବୃଦ୍ଧି କରିବା, ମୂଲ୍ୟ ଯୁକ୍ତ ଅଭିବୃଦ୍ଧି ଏବଂ ଗ୍ରାମୀଣ ଆୟ ବୃଦ୍ଧି ପାଇଁ କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହିତ କରିବା, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରବେଶ ମାଧ୍ୟମରେ ଏମଏସଏମଇ ଗୁଡ଼ିକୁ ସମର୍ଥନ କରିବା, ନିବେଶ ସୁଯୋଗ ସୃଷ୍ଟି କରିବା ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଜିଲ୍ଲାଭିତିକ ଶିଳ୍ପ ସମ୍ଭାବନାର ନକ୍ସା ପ୍ରସ୍ତୁତ କରିବା। ଆଲୋଚନାରେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସାଂସଦ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ସଦସ୍ୟ ଏବଂ ବରିଷ୍ଠ ଶିଳ୍ପ ମୁଖ୍ୟଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା ଏବଂ ଅଧିବେଶନକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଶ୍ରୀ ସୁନୀଲ ଗୁପ୍ତା ପରିଚାଳନା କରିଥିଲେ।

## ଶିରୀଷ ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ଣ୍ଣର



**ଭୁବନେଶ୍ୱର:** ଓଡ଼ିଆ ଅଧିକାରୀ ଶିରୀଷ ଚନ୍ଦ୍ର ମୁର୍ମୁଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନୂଆ ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତି ମିଳିଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ତାଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛି। ଏହି ପଦରେ ସେ ତିନି ବର୍ଷ କାର୍ଯ୍ୟ କରିବେ। ବର୍ତ୍ତମାନ ସେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଆସନ୍ତା ଅକ୍ଟୋବର ୮ରେ ଡେପୁଟି ଗଭର୍ଣ୍ଣର ଏମ୍ ରାଜେଶ୍ୱର ରାଓ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ଶ୍ରୀ ମୁର୍ମୁ କାର୍ଯ୍ୟ କରିବେ। ଶିରୀଷଙ୍କ ଘର ହେଉଛି ମୟୂରଭଞ୍ଜ ଜିଲ୍ଲାର ବେତନଟୀରେ। ସେ ହେଉଛନ୍ତି ପୂର୍ବତନ ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଭାଇ।

## ଖୁବ୍‌ଶୀଘ୍ର ବୁଲେଟ୍ ଟ୍ରେନ୍: ରେଳମନ୍ତ୍ରୀ



**ନୂଆଦିଲ୍ଲୀ:** ମୁମ୍ବାଇ-ଅହମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ମୁମ୍ବାଇର ବିକେସିରୁ ଆରମ୍ଭ ହୋଇ ଗୁଜରାଟର ଭାପି, ସୁରଟ, ଆନନ୍ଦ, ଭଦୋଦରା ଦେଇ ତାହା ଅହମଦାବାଦ ପହଞ୍ଚିବ। ଘଣ୍ଟା ପ୍ରତି ୩୨୦ କିଲୋମିଟର ବେଗରେ ଟ୍ରେନ୍‌ଟି ଯାତ୍ରା କରିବ। ଏହି ପ୍ରକଳ୍ପରେ ୫୦୮ କିଲୋମିଟର ସ୍ୱତନ୍ତ୍ର ରେଳପଥ ନିର୍ମାଣ କରାଯାଉଛି। କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ବୁଲେଟ୍ ଟ୍ରେନ୍ ଚାଲିବା ପରେ ମୁମ୍ବାଇରୁ ଅହମଦାବାଦ ୨ ଘଣ୍ଟା ୭ ମିନିଟ୍‌ରେ ପହଞ୍ଚିହେବ ବୋଲି ମନ୍ତ୍ରୀ ଶ୍ରୀ ବେ?ଷ୍ଣବ କହିଛନ୍ତି। ସେ କହିଛନ୍ତି ଯେ ମୋଦୀ ସରକାରଙ୍କ ୧୧ ବର୍ଷ ଶାସନ କାଳରେ ୩୪,୦୦୦ କିଲୋମିଟରର ନୂଆ ରେଳପଥ ନିର୍ମାଣ କରାଯାଇଛି। ଦୈନିକ ୧୨ କିମି ରେଳପଥ ତିଆରି କରାଯାଉଛି। ୧୩୦୦ ରେଳ ଷ୍ଟେସନ୍‌କୁ ପୁନଃ ବିକାଶ କରାଯାଇଛି।

## ଲୋକଙ୍କ ଆକାଂକ୍ଷା ପୂରଣ ହେବ: ଧର୍ମେନ୍ଦ୍ର



**ଭୁବନେଶ୍ୱର:** ଜିଏସ୍‌ଟି ପରିଷଦ ବୈଠକରେ ହୋଇଥିବା ଐତିହାସିକ ନିଷ୍ପତି ଦ୍ୱାରା ସାଧାରଣ ବର୍ଗର ଲୋକମାନଙ୍କରଆକାଂକ୍ଷା ପୂରଣ ହେବ ଏବଂ ସମାଜରେ ଆର୍ଥିକ ଆତ୍ମବିଶ୍ୱାସ ବଢ଼ିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଜିଏସ୍‌ଟି ପରିଷଦର ନିଷ୍ପତ୍ତି ପ୍ରଶଂସନୀୟ ଏବଂ ସ୍ୱାଗତଯୋଗ୍ୟ। ଏହି ନିଷ୍ପତି ଦ୍ୱାରା ଦୈନନ୍ଦିନ ବ୍ୟବହାର ଯୋଗ୍ୟ ସାମଗ୍ରୀ ଶସ୍ତା ହେବ। ସ୍କୁଲ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଦେଶର ଗରିବ ଓ ସମାଜର ମଧ୍ୟମ ବର୍ଗର ନାଗରିକ, କୃଷକ, ଏମ୍‌ଏସ୍‌ଏମ୍‌ଇ, ମଧ୍ୟବିତ୍ତ, ମହିଳା ଏବଂ ଯୁବକମାନେ ଲାଭବାନ ହେବେ। ଏହା ମୋଦୀ ସରକାରଙ୍କ ଦଶହରା ଓ ଦୀପାବଳି ଉପହାର। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ କେନ୍ଦୁ ପତ୍ର ଉପରେ ଜିଏସ୍‌ଟି ସ୍ଲାବ୍ ୧୮%ରୁ ୫%କୁ ହ୍ରାସ କରାଯାଇଛି। ଏହି ନିଷ୍ପତି ଦ୍ୱାରା କେନ୍ଦୁ ପତ୍ର ଶିଳ୍ପ ସହିତ ଜଡ଼ିତ ୧୫ ଲକ୍ଷରୁ ଅଧିକ ଲୋକମାନେ ଉପକୃତ ହେବେ। ସୂତା ଉପରେ ଜିଏସ୍‌ଟି ୧୨%ରୁ ହ୍ରାସ ପାଇ ୫% ହୋଇଛି। ଏହାଦ୍ୱାରା ଓଡ଼ିଶା ବିଶେଷକରି ରାଜ୍ୟର ପଶ୍ଚିମାଞ୍ଚଳର ବୁଣାକାରମାନେ ଲାଭବାନ ହେବେ। କୋଇଲା ଉପରେ ଜିଏସ୍?ଟି ୧୮%କୁ ବୃଦ୍ଧି କରାଯାଇଛି।

## ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଙ୍କର ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର



**ପୁରୀ:** ପ୍ରାକୃତିକ ବିପର୍ଯ୍ୟୟ କୁ ରୋକାଯାଇ ପାରିବା ନାହିଁ କିନ୍ତୁ ଏହାର ସଫଳ ମୁକାବିଲା କରି ଧନ ଜୀବନ ଓ କ୍ଷୟକ୍ଷତି କୁ ହ୍ରାସ କରାଯାଇ ପାରିବ।ଏଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଓ ସଚେତନତା ର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଗୋପ, ପିପିଲି ଓ ଡେଲାଙ୍ଗ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଙ୍କର ଦୁଇ ଦିନିଆ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ରେ ୨୩ ଓ ୨୪ ସେପ୍ଟେମ୍ବର ରେ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଯୋଗ ଦେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ କିପରି ବିପର୍ଯ୍ୟୟ ସମୟରେ ଗ୍ରାମବାସୀ ମାନଙ୍କୁ ସହାୟତା ପ୍ରଦାନ କରିବେ ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

## ଶିକ୍ଷାବିତ୍ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ସ୍ମୃତିସଭା ଅନୁଷ୍ଠିତ



ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଆୟୋଜିତ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ପ୍ରମୁଖ କର୍ଣ୍ଣଧାର, ପୂର୍ବତନ ବିଧାୟକ ତଥା ଶିକ୍ଷାବିତ୍ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ 'ରାଜ୍ୟସ୍ତରୀୟ ସ୍ମୃତିସଭା' ଓ 'ପ୍ରାଣନାଥ ସମ୍ମାନ - ୨୦୨୫ ପ୍ରଦାନ ଉତ୍ସବ ସମାରୋହରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପତିଙ୍କ ଉପସ୍ଥିତିରେ ସ୍ଥାପତ୍ୟ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ବିଶିଷ୍ଟ ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି , ବିଶିଷ୍ଟ ଲେଖିକା ତଥା ସମାଜସେବିକା ଝରଣା ପଟ୍ଟନାୟକ, ବିଶିଷ୍ଟ ଶିକ୍ଷାବିତ୍ ତଥା ଉପସ୍ଥାପକ ଡ଼ଃ ମୃତ୍ୟୁଞ୍ଜୟ ରଥ, ବରିଷ୍ଠ ସାମ୍ବାଦିକ ତଥା ଲେଖକ କେଦାର ମିଶ୍ରଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୫' ରେ ସମ୍ମାନିତ କରାଯାଇଥିଲା। ଏହି ସମାରୋହ ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା କିଟ୍ ଓ କିସ୍ ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ,ଆମ ଓଡ଼ିଶା ଓ ସମ୍ବାଦର ପ୍ରତିଷ୍ଠାତା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଳବ୍ୟ, ଦୃଷ୍ଟିଦର୍ଶୀ ପତ୍ରିକାର ସମ୍ପାଦକ ଦୁର୍ଗା ସାମନ୍ତରାୟ, ରାଜ୍ୟ ପ୍ରାଣନାଥ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ଡ଼ଃ ଅର୍ଚ୍ଚନା ନାୟକ, ସମ୍ପାଦକ ଦିଲ୍ଲୀପ ହାଲିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ଉଦଘାଟନ ଉତ୍ସବ



**ପୁରୀ:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ଉଦଘାଟନ ଉତ୍ସବ ପାଳନ ଅବସରରେ ବାଣପୁର ଖଣ୍ଡ ପକ୍ଷରୁ ଅନୁଷ୍ଠିତ ପଥ ସଂଚାଳନରେ ଆଇନ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଓଡିଆ ଭାଷା ସାହିତ୍ୟ, ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାମିଲ୍ ହୋଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କେବଳ ଏକ ସଙ୍ଗଠନ ନୁହେଁ, ବରଂ ଏକ ଶାଶ୍ୱତ ରାଷ୍ଟ୍ରୀୟ ଚେତନାର ପୁନଃ-ଜାଗରଣ ମଞ୍ଚ ବୋଲି ମତବ୍ୟକ୍ତ କରିଥିଲେ। ସଂଘର ସ୍ୱୟଂସେବକମାନେ ଦେଶର ସ୍ୱାଧୀନତା ସଂଗ୍ରାମ ସମେତ ଅନେକ ଜାତୀୟ ସଙ୍କଟ ସମୟରେ ରାଷ୍ଟ୍ରଯଜ୍ଞରେ ଆହୁତି ଦେଇ ତ୍ୟାଗର ପରମ୍ପରାକୁ ବଜାୟ ରଖିଛନ୍ତି ବୋଲି କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜ ପ୍ରକାଶ କରିଛନ୍ତି। ଏହି ଶହେ ବର୍ଷର କାର୍ଯ୍ୟଧାରା ପ୍ରମାଣ କରେ ଯେ, ସଂଘର ଏକମାତ୍ର ମନ୍ତ୍ର ହେଉଛି 'ଏକ ଭାରତ, ଶ୍ରେଷ୍ଠ ଭାରତ'। ଶିକ୍ଷା, ସ୍ୱାସ୍ଥ୍ୟ ସାମାଜିକ କଲ୍ୟାଣ ଦିଗରେ କାର୍ଯ୍ୟ କରିବା ସହିତ ବନ୍ୟା ବାତ୍ୟା, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱଂୟ ସେବକ ମାନେ ସକ୍ରିୟ ଭାବରେ କାର୍ଯ୍ୟ କରି ସେବା ଯୋଗାଇ ଆସିଛନ୍ତି। ସଂଘର ଲକ୍ଷ୍ୟ ହେଉଛି ରାଷ୍ଟ୍ରର ପ୍ରଗତି, ଦେଶର ସୁରକ୍ଷା। ସ୍ୱୟଂ ସେବକ ମାନେ ଏହି ମନ୍ତ୍ରରେ ଅଭି ମନ୍ତ୍ରିତ।

## ପୁସ୍ତକ 'ବାପା'ର ସମୀକ୍ଷା ଆସର ଅନୁଷ୍ଠିତ



**ପୁରୀ:** 'ଅଭିନନ୍ଦନିକା'ର ପ୍ରତିଷ୍ଠାତା ସମ୍ପାଦକ ତଥା କବି ଶ୍ୟାମ ପ୍ରକାଶ ସେନାପତିଙ୍କର କବିତା ପୁସ୍ତକ 'ବାପା' ର ସମୀକ୍ଷା ଆସର ବଡ଼ଦାଣ୍ଡ ସ୍ଥିତ ସେନାପତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ବିଶିଷ୍ଟ ସାହିତ୍ୟିକ ଡ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସୁନାମଧନ୍ୟ ବେତାର କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ, 'ଅନନ୍ତ ନିର୍ଝର' ପତ୍ରିକାର ସମ୍ପାଦିକା ସରୋଜିନୀ ମିଶ୍ର, ବରିଷ୍ଠ ନାଟ୍ୟକାର ହେମନ୍ତ କୁମାର ଛୋଟରାୟ ଏବଂ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ପ୍ରମୁଖ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ ଓ 'ବାପା' ହେଉଛନ୍ତି ଅନୁଶାସନର ପ୍ରତୀକ ଓ ମୁଠାଏ ମାଟିକୁ ଚନ୍ଦନ କରିବାର ମନ୍ତ୍ର ଶିଖାନ୍ତି ଓ ସ୍ନେହ ଓ ଶାସନର ସେ ମହାଦ୍ରୁମ ଓ ଯାହାଙ୍କର ଆଦର୍ଶକୁ ପ୍ରକାଶ କରିହୁଏ ନା ଭାଷାରେ,ଭାବରେ ଆଉ ଜ୍ଞାନରେ ସେ ହେଉଛନ୍ତି ବାପା ଓ ମା' ଘର ର ଗୌରବ ହେଲେ ବାପା ହିଁ ଏହାର ଅସ୍ତିତ୍ୱ ଓ ମା' ପାଖରେ ଅଶ୍ରୁଧାର ଥିବାବେଳେ ବାପା ଙ୍କ ଆଖିରେ ଥାଏ ସଂଜମ ଓ ମା' ର ଆଖିରେ ପ୍ରଚୁର ମମତା ଭରି ରହିଥିବାବେଳେ ବାପାଙ୍କ ଆଖିରେ ଥାଏ କର୍ତ୍ତବ୍ୟବୋଧ ଓ ସମୀକ୍ଷକ ମାନେ ଏହା ପ୍ରକାଶ କରିବା ସହିତ 'ବାପା' ଏକ ସାର୍ଥକ କବିତା ସଂକଳନ ବୋଲି ମତବ୍ୟକ୍ତ କରିଥିଲେ ଓ କବି ଶ୍ରୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ



ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ବୟନୀକାର ହସ୍ତତନ୍ତର ଭଣ୍ଡାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଗାନ୍ଧିଜୀ ସର୍ବଦା ସ୍ୱଦେଶୀ ତଥା ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେଇ ଆମେ ସମସ୍ତେ ମିଶି ତାଙ୍କ ଆଦର୍ଶକୁ ଆପଣାଇବା ଏବଂ ଆମର ସ୍ଥାନୀୟ କାରିଗର ଓ ବୁଣାକାରମାନଙ୍କୁ ସମର୍ଥନ କରିବା ପାଇଁ ଆହ୍ୱାନ ଦେବା ସହ ସ୍ୱଦେଶୀ ବସ୍ତ୍ର କ୍ରୟ କରିଥିଲେ।




ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ପୁରୀସ୍ଥିତ ବଳଗଣ୍ଡି ଛକ ଠାରେ ପୁରୀ ଜିଲ୍ଲା ବିଶ୍ୱକର୍ମା ମହାସଭା ଦ୍ୱାରା ଆୟୋଜିତ ୪୮ତମ ବିଶ୍ୱକର୍ମା ପୂଜା ଓ ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ପ୍ରଭୁ ବିଶ୍ୱକର୍ମାଙ୍କ ଆଶୀର୍ବାଦ ନେବା ସହିତ ପ୍ରତିଭା ମାନଙ୍କୁ ସମ୍ମାନିତ କରିଥିଲେ।

## ପୁଣି ଶ୍ରୀମନ୍ଦିରରୁ ଉଡନ୍ତା ଡ୍ରୋନ୍ ଜବତ



**ପୁରୀ:** ସନ୍ଧ୍ୟା ପ୍ରାୟ ୭ଟା ୪୫ ମିନିଟ୍ ସମୟରେ ଶ୍ରୀମନ୍ଦିର ଉପରେ ଏବଂ ଶ୍ରୀମନ୍ଦିର ପରୀକ୍ରମା ପରିସର ଏକ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଥିଲା। ଏହା ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂହଙ୍କ ନଜରକୁ ଆସିବା ପରେ ସଙ୍ଗେ ସଙ୍ଗେ ପଦକ୍ଷେପ ନେଇ ସିଂହଦ୍ୱାର ଥାନା ଓ ପୁରୀ ପୋଲିସର ଏକ ବିଶେଷ ଟିମ୍?କୁ ତତ୍କ୍ଷଣାତ୍ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦ୍ରୁତ ତଦନ୍ତ କାର୍ଯ୍ୟ କରି ସିଂହଦ୍ୱାର ଥାନା ପୋଲିସ ଏବଂ ପୁରୀ ପୋଲିସ ଟିମ୍ ଡ୍ରୋନ ?ଟିକୁ ଗୋଡେଇ 'ଶନି ମନ୍ଦିର ଗଳି' ରେ ଜବତ କରିଥିଲେ। ଡ୍ରୋନ ଉଡାଉଥିବା ବ୍ୟକ୍ତି ଦୁର୍ଗା ପ୍ରସାଦ ଯାଦବ, ଛତିଶଗଡ଼ ର ଥିବା ଜଣେ ଯୁବକଙ୍କୁ ସିଂହଦ୍ୱାର ପୋଲିସ ଅଟକ କରିଛି। ଶ୍ରୀମନ୍ଦିର ଓ ଏହାର ପରିସରରେ ଯେକୌଣସି ପ୍ରକାର ଡ୍ରୋନ ଉଡାଇବା ନିଷେଧ ଥିବା ସତ୍ତ୍ୱେ ଏହି ଅବୈଧ କାର୍ଯ୍ୟ କରାଯାଇଥିଲା ବୋଲି ପ୍ରାଥମିକ ତଦନ୍ତରେ ଜଣାପଡିଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁରୀ ପୋଲିସ ସମସ୍ତଙ୍କୁ ଆହ୍ୱାନ କରୁଛି ଯେ, ଶ୍ରୀମନ୍ଦିର ଓ ଏହାର ସୁରକ୍ଷା ନିୟମକୁ ସମ୍ମାନ କରନ୍ତୁ ଏବଂ ଏପରି ଅବୈଧ କାର୍ଯ୍ୟ ରୁ ଦୂରେ ରୁହନ୍ତୁ।






# କ୍ରିକେଟ୍ ପଡ଼ିଆରେ ଭାରତର ଅପରେସନ୍ ସିନ୍ଦୂର

### ଭାରତ ଏସିଆ କପ୍ ଚାମ୍ପିୟନ୍

## ପାକିସ୍ତାନ ଦଳକୁ ୫ ୱିକେଟ୍‌ରେ ହରାଇଲା



**ଦୁବାଇ :** ଭାରତ ପୁଣି ଏସିଆ ଚାମ୍ପିୟନ ହାତେଇଛି । ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଉଥିବା ଏସିଆ କପ ଫାଇନାଲରେ ଭାରତ ପାକିସ୍ତାନକୁ ୫ ୱିକେଟ୍‌ରେ ପରାସ୍ତ କରିଛି ଟାଇଟେଲ ହାତେଇଛି । ଭାରତ ଆଗରେ ବିଜୟ ପାଇଁ ୧୪୭ ରନର ଲକ୍ଷ୍ୟ ଥିବାବେଳେ ଭାରତ ୨ଟି ବଲ ବାକି ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା । ଦଳ ପକ୍ଷରୁ ତିଳକ ବର୍ମା ୬୯ ରନର ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ଭାରତ ମାତ୍ର ୨୦ ରନରେ ୩ଟି ୱିକେଟ ହରାଇ ସଂକଟରେ ପଡ଼ିଥିବାବେଳେ ତିଳକ ପ୍ରଥମେ ସଂଜୁ ସାମସନ ଓ ପରେ ଶିବମ ଦୁବେଙ୍କ ସହ ଏକ ଉପଯୋଗୀ ପାର୍ଟନରସିପ କରି ଦଳକୁ ଜିତାଇଥିଲେ । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଖେଳୁଥିବା ରିଙ୍କୁ ସିଂ ଚୌକା ମାରି ଦଳ ପାଇଁ ବିଜୟ ଆଣିଦେଇଥିଲେ । ତିଳକ ବର୍ମା ୬୯ ରନର ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ଭାରତ ମାତ୍ର ୨୦ ରନରେ ୩ଟି ୱିକେଟ ହରାଇ ସଂକଟରେ ପଡ଼ିଥିବାବେଳେ ତିଳକ ପ୍ରଥମେ ସଂଜୁ ସାମସନ ଓ ପରେ ଶିବମ ଦୁବେଙ୍କ ସହ ଏକ ଉପଯୋଗୀ ପାର୍ଟନରସିପ କରି ଦଳକୁ ଜିତାଇଥିଲେ । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଖେଳୁଥିବା ରିଙ୍କୁ ସିଂ ଚୌକା ମାରି ଦଳ ପାଇଁ ବିଜୟ ଆଣିଦେଇଥିଲେ । ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଏହି ମ୍ୟାଚରେ ଭାରତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିନା ପଡ଼ିଆକୁ ଓହ୍ଲାଇଥିଲା । ପାକିସ୍ତାନର ଦୁଇ ଓପନର ଫକର ଜମାନ ଓ ସାହିବଜାଦା ଫରହାନ ଆରମ୍ଭରୁ ଭାରତୀୟ ବୋଲରଙ୍କ ଉପରେ ପ୍ରବଳ ଆକ୍ରମଣ କରି ପ୍ରଥମ ୱିକେଟ୍ ଯୋଡ଼ିରେ ୮୪ ରନ ଯୋଡ଼ିଥିଲେ । ଫରହାନ ୫୭ ରନ କରିଥିବାବେଳେ ଜମାନ ୪୬ ରନ କରିଥିଲେ । କିନ୍ତୁ ଭାରତ ପାଇଁ ପ୍ରଥମ ସଫଳତା ଆଣିଥିଲେ ବରୁଣ ଚକ୍ରବର୍ତ୍ତି । ସେ ଫରହାନଙ୍କୁ ଆଉଟ କରିଥିଲେ । ଏହା ପରେ ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇଥିଲେ । ୩ୟ ସ୍ଥାନରେ ଆସିଥିଲା ସଲିମ ଆୟୁବ ୧୪ ରନ କରିଥିବାବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇ ଅଂକ ଛୁଇଁ ପାରିନଥିଲେ ।

### ମହିଳା ବିଶ୍ୱକପ୍-୨୦୨୫

## ୮୮ ରନ୍‌ରେ ହାର୍ ମାନିଲା ପାକିସ୍ତାନ ଟିମ୍

**କଲମ୍ବୋ:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମହିଳା କ୍ରିକେଟ୍ ବିଶ୍ୱକପ୍-୨୦୨୫ରେ ଭାରତୀୟ ଟିମ୍ ନିଜର ଦ୍ୱିତୀୟ ମୁକାବିଲାରେ ଦମଦାର ପ୍ରଦର୍ଶନ କରିଛି । ଭାରତୀୟ ମହିଳା ଟିମ୍ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ପାକିସ୍ତାନ ବିପକ୍ଷରେ ଭାରତ ୮୮ ରନ୍‌ରେ ବିଜୟୀ ହୋଇଛି । କଲମ୍ବୋସ୍ଥିତ ଆର ପ୍ରେମଦାସା ଷ୍ଟାଡିୟମରେ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାକିସ୍ତାନ ୪୩ ଓଭରରେ ସମସ୍ତ ୱିକେଟ୍ ହରାଇଛି । ପାକିସ୍ତାନ ଟିମ୍ ୧୫୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇପାରିଛି । ବ୍ୟାଟିଂ ପରେ ଭାରତୀୟ ଟିମ୍ ବୋଲିଂ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରିଛି । କ୍ରାନ୍ତି ଗୌଡ଼ ଓ ଦୀପ୍ତି ଶର୍ମା ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ସ୍ନେହ୍ ରାଣାଙ୍କୁ ୨ଟି ୱିକେଟ୍ ମିଳିଥିଲା । ପାକିସ୍ତାନ ପାଇଁ ସିଦ୍ରା ଅମିନ ବ୍ୟକ୍ତିଗତ ଭାବେ ସର୍ବାଧିକ ୮୧ ରନ୍ ସଂଗ୍ରହ କରିଥିଲେ । ସେ ୧୦୬ଟି ବଲ୍ ଖେଳି ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ । ଏହି ମ୍ୟାଚରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ୱିକେଟ୍ ହରାଇ ୨୪୭ ରନ୍ ସଂଗ୍ରହ କରିଥିଲା । ପାକିସ୍ତାନୀ ଅଧିନାୟକ ଫାତିମା ସନା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ । ଫଳରେ ଭାରତ ବ୍ୟାଟିଂ କରିଥିଲା । ଭାରତୀୟ ଷ୍ଟାର କ୍ରିକେଟର ହର୍ଲିନ ଦେଓଲ ୬୫ଟି ବଲ୍ ଖେଳି ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୬ ରନ୍ ସଂଗ୍ରହ କରିଥିଲେ । ହରମନପ୍ରୀତ କୌର ୧୯ ରନ୍, ଜେମିମା ରେଡ୍ରିଗଜ ୩୨ ରନ, ଦୀପ୍ତି ଶର୍ମା ୨୫ ରନ, ସ୍ନେହ୍ ରାଣା ୨୦ ରନ୍ ଓ ରିଚା ଘୋଷ ଅପରାଜିତ ୩୫ ରନ୍ ସଂଗ୍ରହ କରିଥିଲେ । ପ୍ରତୀକା ରାଓ୍ୱଲ ଓ ସ୍ମୃତି ମନ୍ଧାନା ଭାରତର ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୪୮ ରନ୍ ସଂଗ୍ରହ କରିଥିଲେ ।



## ନମୋ ଯୁବ ରନ୍ ମାରାଥନରେ ଦୌଡ଼ିଲେ ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ମନ୍ତ୍ରୀଙ୍କ ସହ ୧୦ ହଜାର ଲୋକ





**ଭୁବନେଶ୍ୱର:** ନିଶାମୁକ୍ତ ଭାରତ ଗଠନ ନିମନ୍ତେ ଗଣ ଦୌଡ଼ । କ୍ରୀଡ଼ା ଓ ଯୁବସେବା ବିଭାଗ ସହ ବିଜେପି ଜନତା ଯୁବ ମୋର୍ଚ୍ଚା ଦ୍ୱାରା ଏହି ନମୋ ଯୁବ ରନ ମାରାଥନ ଆୟୋଜନ କରାଯାଇଛି । କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଦୌଡ଼ିଲେ ୧୦ ହଜାର ଯୁବକ ଓ ଯୁବତୀ ।ଆଗରେ ଦୌଡ଼ିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ବାବୁ ସିଂ, ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଅନ୍ୟାନ୍ୟ ବରିଷ୍ଠ ନେତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ସାରା ଦେଶରେ ୭୫ ସହରରେ ଆୟୋଜନ ହୋଇଛି ଏହି ଗଣଦୌଡ଼ କାର୍ଯ୍ୟକ୍ରମ । ଯୁବ ପିଢ଼ିକୁ ନିଶା ଠାରୁ ଦୂରେଇ ରଖିବା, ୨୦୪୭ରେ ଯୁବକଙ୍କୁ ନେଇ ସଶକ୍ତ, ସମୃଦ୍ଧ ରାଜ୍ୟ ଓ ଦେଶ ଗଠନ ଦିଗରେ ସେମାନଙ୍କୁ ଆଗକୁ ନେବାକୁ ବାର୍ତ୍ତା ଦିଆଯାଇଛି । ଏହି ଦୌଡ଼ରେ ଯୁବପୀଢ଼ିକୁ ସହ ୭୫ ବର୍ଷୀୟା ଉର୍ମିଳା ଦାସ ମଧ୍ୟ ଦୌଡ଼ିଥିଲେ । ଏହା ସହ ଯିଏ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ତାଙ୍କୁ ୨୫ ହଜାର, ଦ୍ୱିତୀୟ ସ୍ଥାନ ୧୫ ହଜାର ଓ ତୃତୀୟ ସ୍ଥାନ ୧୦ ହଜାର ଟଙ୍କା ଚତୁର୍ଥ ସ୍ଥାନ ପାଇଁ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ସାରା ଦେଶରେ ୭୫ ସହରରେ ଆୟୋଜନ ହୋଇଛି ଏହି ଗଣଦୌଡ଼ କାର୍ଯ୍ୟକ୍ରମ । ଯୁବ ପିଢ଼ିକୁ ନିଶା ଠାରୁ ଦୂରେଇ ରଖିବା, ୨୦୪୭ରେ ଯୁବକଙ୍କୁ ନେଇ ସଶକ୍ତ, ସମୃଦ୍ଧ ରାଜ୍ୟ ଓ ଦେଶ ଗଠନ ଦିଗରେ ସେମାନଙ୍କୁ ଆଗକୁ ନେବାକୁ ବାର୍ତ୍ତା ଦିଆଯାଇଛି । ଏହି ଦୌଡ଼ରେ ଯୁବପୀଢ଼ିକୁ ସହ ୭୫ ବର୍ଷୀୟା ଉର୍ମିଳା ଦାସ ମଧ୍ୟ ଦୌଡ଼ିଥିଲେ ।

## ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ, ଓଡ଼ିଶାକୁ ୭ ପଦକ



**ଭୁବନେଶ୍ୱର :** ନାଇଜେରିଆରେ ଆୟୋଜିତ ପ୍ରଥମ ଏବିଆଇଏ ପାରା ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଂଟ୍‌ରେ ଓଡ଼ିଶା ଖେଳାଳିମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ଐତିହାସିକ ସଫଳତା ଲାଭ କରିଛନ୍ତି । ୧୮ ମାସ ପରେ କୋର୍ଟକୁ ଫେରି ଲଗାତାର ସ୍ମରଣୀୟ ସଫଳତା ସାଉଣ୍ଟି ଚାଲିଥିବା ଖେଳରତ୍ନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ ଏସ୍‌ଏଲ୍୩ ବର୍ଗର ପୁରୁଷ ଏକକ, ଏସ୍ ?ଏଲ୍୩-ଏସ୍‌ଏଲ୍୪ର ଯୁଗଳ ଏବଂ ଏସ୍‌ଏଲ୍୩-ଏସ୍‌ଏଲ୍ ୫ର ମିଶ୍ରିତ ଯୁଗଳରେ ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ୍ କରିଛନ୍ତି । ଏକକ ଫାଇନାଲ୍‌ରେ ସେ ନିଜ ଦେଶର ମଣ୍ଟୁ କୁମାରଙ୍କୁ ୨୧-୭, ୯-୨୧, ୨୧-୯ରେ ହରାଇଥିଲେ । ଯୁଗଳରେ ତାଙ୍କ ଯୋଡ଼ି ନାଇଜେରିଆର ସି ନାନା ଓ ଓ ନ୍ୱାସୁକୁ ୨୧-୧୩, ୨୧-୧୮ରେ ଏବଂ ମିଶ୍ରିତ ଯୁଗଳରେ ପେରୁର ଜି ଭର୍ଗାସ ଓ ରୋଜାସ ଗୋଲାକଙ୍କୁ ୨୧-୧୩ ଓ ୨୧-୧୭ରେ ହରାଇ ଦେଇଥିଲେ ।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୨୮ତମ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ୨୦୨୫କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏଥିରେ ୨୨ଟି ଦେଶ ଏବଂ ୫୦୦ରୁ ଅଧିକ ଖେଳାଳି ଅଂଶ ଗ୍ରହଣ କରିଛନ୍ତି ।

## ବିସିସିଆଇର ନୂତନ ଅଧ୍ୟକ୍ଷ ମିଥୁନ ମହ୍ନାସ

**ମୁମ୍ବାଇ:** ବିସିସିଆଇକୁ ମିଳିଲା ନୂଆ ଅଧ୍ୟକ୍ଷ । ଗତ କିଛି ମାସ ହେବ ଏନେଇ ଅନେକ ଆଲୋଚନା ଓ ଚର୍ଚ୍ଚା ଚାଲିଥିବା ବେଳେ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି ।



ମୁମ୍ବାଇରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ (ଏଜିଏମ) ଏହାର ନୂତନ କାର୍ଯ୍ୟନିର୍ବାହୀ କମିଟି ଘୋଷଣା କରିଛି ବିସିସିଆଇ। ନୂତନ ବିସିସିଆଇ ଦଳରେ ମିଥୁନ ମହ୍ନାସଙ୍କୁ ଅଧ୍ୟକ୍ଷ ଭାବରେ ନିର୍ବାଚିତ କରାଯାଇଛି । ଏହା ସହ ରାଜୀବ ଶୁକ୍ଳା ଉପ-ସଭାପତି ଓ ଦେବଜିତ ସାଇକିଆଙ୍କୁ ସଚିବ କରାଯାଇଛି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଆ କ୍ରିକେଟ୍ ଖେଳାଳି ତଥା ରଣଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି ଭୁବନେଶ୍ୱରଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।



'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ଏବଂ 'ଦଳହନ୍ ଆତ୍ମନିର୍ଭରତା ମିଶନ' ର ଶୁଭାରମ୍ଭ ଅବସରରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳସ୍ଥିତ କୃଷିବଜ୍ଞାନ କେନ୍ଦ୍ରରେ ଅତିଥି ଭାବେ ଉପସ୍ଥିତ ରହି ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ ପୁରୀର ସାଂସଦ ଡ. ସମ୍ବିତ ପାତ୍ର ଓ ପୁରୀ ଜିଲ୍ଲାର ସମସ୍ତ କୃଷକ ଓ କୃଷିଅଧିକାରୀମାନେ ।





ପୁରୀ ବଡଦାଣ୍ଡ ଠାରେ ପୁରୀ ଜିଲ୍ଲା ସାଉଣ୍ଡ ଓ ଲାଇଟ ମହାସଙ୍ଘ ଦ୍ୱାରା ଆୟୋଜିତ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ସଦର ବ୍ଲକ୍ ର ଅଧ୍ୟକ୍ଷ ଦିବାକର ପାତ୍ର ଯୋଗଦେଇ ବରିଷ୍ଠ ନାଟ୍ୟକାର ଶିବ ସୁନ୍ଦର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



ପୁରୀ ଶରଧାବାଲିଠାରେ କୁମାର ଉତ୍ସବ ସମିତି ଦ୍ୱାରା ଆୟୋଜିତ ୫୮ତମ କୁମାର ଉତ୍ସବ ୨୦୨୫ ଅନୁଷ୍ଠିତ ।



ପୁରୀ ଟାଉନ ହଲଠାରେ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ୪୬ତମ କୁମାର ଉତ୍ସବ ଅନୁଷ୍ଠିତ ।




Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty